Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୧୭
Volum. - 22 ■ Issue No.- 17
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 | ୨୦ ମାର୍ଚ୍ଚ - ୨୬ ମାର୍ଚ୍ଚ ୨୦୨୨ | 20 Mar. - 26 Mar. 2022 | Odia Weekly | 8 Pages | Rs.2/- only

# ଭୁବନେଶ୍ୱର ମହାନଗର ନିଗମ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନଙ୍କ ସହିତ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବୈଠକ

## ନିର୍ବାଚନ ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ, ଅବାଧ, ମୁକ୍ତ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାରେ ମତଦାନ ପ୍ରକ୍ରିୟାରେ ସହଯୋଗ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର, (ନିପ୍ର) : ଭୁବନେଶ୍ୱର ମହାନଗର ନିଗମ ସାଧାରଣ ନିର୍ବାଚନ-୨୦୨୨କୁ ଅବାଧ, ମୁକ୍ତ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ କରାଯିବା ପାଇଁ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ତଥା ପ୍ରତିନିଧିମାନଙ୍କ ସହିତ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଂଗ୍ରାମ କେଶରୀ ମହାପାତ୍ର ଅନୁଷ୍ଠିତ ଏକ ବୈଠକରେ ଆଲୋଚନା କରିଛନ୍ତି । ସ୍ଥାନୀୟ ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁସାରେ ଶୃଙ୍ଖଳିତ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଅନୁପାଳନ ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଛନ୍ତି । ବୈଠକରେ ବି.ଏମ୍.ସି ସାଧାରଣ ନିର୍ବାଚନ ପାଇଁ ନିଯୁକ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ଇନ୍ଦ୍ରମଣି ତ୍ରିପାଠୀ, ଭୁବନେଶ୍ୱର ମହାନଗର ନିଗମ ସାଧାରଣ ନିର୍ବାଚନ ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ପୌର ନିର୍ବାଚନ ନିମନ୍ତେ ନିୟୋଜିତ ଜିଲ୍ଲା ନୋଡାଲ ଅଧିକାରୀ ମନୋଜ କୁମାର ପାଢୀ, ଅତିରିକ୍ତ ଡିସିପି, ଭୁବନେଶ୍ୱର ପ୍ରକାଶ ଚନ୍ଦ୍ର ପାଲ, ବି.ଏମ୍.ସି ଅତିରିକ୍ତ କମିଶନର ବିନୟ ଦାସ ଓ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର, ନିର୍ବାଚନ ପରିଚାଳନା କରିବା ପାଇଁ ନିର୍ବାଚନ କମିଶନ ଯେଉଁ ପ୍ରକ୍ରିୟା ସ୍ଥିର କରିଛନ୍ତି, ସେହି ଅନୁସାରେ ନିର୍ବାଚନ ପରିଚାଳନା କରି ଶୃଙ୍ଖଳିତ ନିର୍ବାଚନ ଉପରେ ଗୁରୁତ୍ୱ ଦେଇଥିଲେ । ସୂଚନା ଅନୁସାରେ ଭୁବନେଶ୍ୱର ମହାନଗର ନିଗମରେ ୬୭ଟି ୱାର୍ଡ ପାଇଁ ୭୦୫ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ । ତନ୍ମଧ୍ୟରେ ୫ଟି ଗୋଲାପୀ ବୁଥ ରହିଛି । ପ୍ରତି ଗୋଲାପୀ ବୁଥରେ ପ୍ରିଜାଇଡିଂ ଅଧିକାରୀଙ୍କ ସମେତ ୫ ଜଣ ମହିଳା ପୋଲିଂ କର୍ମଚାରୀ ରହିବେ । ପ୍ରତି ବୁଥ୍‌ରେ ମେୟର ପ୍ରାର୍ଥୀ ପାଇଁ ଗୋଟିଏ ଲେଖାଏଁ ଓ କର୍ପୋରେଟର ପ୍ରାର୍ଥୀ ପାଇଁ ଗୋଟିଏ ଲେଖାଏଁ ଅଲଗା ଅଲଗା ଇଲେକ୍‌ଟ୍ରୋନିକ୍ସ ଭୋଟିଂ ମେସିନ୍ ବ୍ୟବହୃତ ହେବ । ନିୟମାନୁସାରେ ଜରୁରୀ ସେବା ପାଇଁ ୨୫ ପ୍ରତିଶତ ଭୋଟିଂ ମେସିନ୍‌କୁ ମିଶାଇଲେ ୭୦୫ଟି ମତଦାନ କେନ୍ଦ୍ର ପାଇଁ ଉଭୟ ମେୟର ଓ କର୍ପୋରେଟର ପାଇଁ ମୋଟ ୧୭୬୩ ଟି ବ୍ୟାଲଟ ୟୁନିଟ୍ ଓ ୧୭୬ଟି କଣ୍ଟ୍ରୋଲ ୟୁନିଟ୍ ବ୍ୟବହୃତ ହେବ । ମତଦାନ ସକାଳ ୮ରୁ ସଂଧ୍ୟା ୫ଟା ଯାଏ ଚାଲିବ । ମତଦାନ ସମୟରେ ମତଦାତା ମାନେ କୋଭିଡ୍ କଟକଣା ଅନୁପାଳନ ପୂର୍ବକ ମାସ୍କ ପିନ୍ଧି ମତଦାନ କରିବେ । ମାର୍ଚ୍ଚ ୨୪ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ଓ ୨୬ରେ ଭୋଟ ଗଣତି ହେବ । ୨୩ ତାରିଖରେ ପ୍ରିଜାଇଡିଂ ଅଫିସରଙ୍କ ସମେତ ପ୍ରତି ଗ୍ରୁପରେ ପ୍ରଥମ ପୁଲିଂ ଅଫିସର, ୨ୟ ପୁଲିଂ ଅଧିକାରୀ, ୩ୟ, ୪ର୍ଥ ପୋଲିଂ ଅଧିକାରୀ ଓ ପୋଲିସ୍ କନଷ୍ଟେବଲଙ୍କୁ ମିଶାଇ ମୋଟ ୫ଜଣିଆ ଟିମ୍ ଯିବେ । ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ନୂଆ ଆର୍ଟସ୍ ବ୍ଲକରୁ ପୁଲିଂ ଅଧିକାରୀମାନେ ମାର୍ଚ୍ଚ ୨୩ ତାରିଖରେ ବିଏମ୍‌ସିର ବିଭିନ୍ନ ବୁଥ୍‌କୁ ମତଦାନ ଗ୍ରହଣ ପାଇଁ ଯିବେ ଓ ୨୪ରେ ଭୋଟ ଗ୍ରହଣ ପରେ ଫେରିବେ । ନିର୍ବାଚନ ପରିଚାଳନା ପାଇଁ ସେକ୍ଟର ଅଫିସର ମାନେ ନିୟୋଜିତ ହୋଇଛନ୍ତି । ଭୁବନେଶ୍ୱର ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଆର୍ଟସ୍ ବ୍ଲକ ଠାରେ ଷ୍ଟ୍ରଙ୍ଗରୁମ୍ କରାଯାଇଛି । ଷ୍ଟ୍ରଙ୍ଗ ରୁମ୍ ସୁରକ୍ଷା ବ୍ୟବସ୍ଥାକୁ ବି.ଏମ୍.ସିର ବରିଷ୍ଠ ଅଧିକାରୀମାନେ ତଦାରଖ କରିଛନ୍ତି ।




ସେଥିରେ ଥିବା ଝରକାକୁ ସିଲ୍ କରାଯାଇଛି । ଷ୍ଟ୍ରଙ୍ଗରୁମ୍ କମିଶନିଂଠାରୁ ଭୋଟ ଗଣତି ଶେଷ ପର୍ଯ୍ୟନ୍ତ ସିସିଟିଭି ନଜରରେ ରହିବ । ପ୍ରାର୍ଥୀମାନଙ୍କର ପ୍ରତିନିଧିମାନେ ମଧ ଷ୍ଟ୍ରଙ୍ଗରୁମ୍ ସମ୍ମୁଖରେ ନିର୍ଦ୍ଧାରିତ ସ୍ଥାନରୁ ଷ୍ଟ୍ରଙ୍ଗରୁମ୍‌କୁ ସିସିଟିଭି ମାଧ୍ୟମରେ ଦେଖି ପାରିବେ । ପ୍ରାର୍ଥୀମାନେ ସରକାରୀ ରାସ୍ତା, କୋଠା, ବିଦ୍ୟୁତ୍ ଖୁଣ୍ଟ ଆଦିରେ ପ୍ରଚାର ପତ୍ର, ପୋଷ୍ଟର ବ୍ୟାନର ଆଦି ଲଗାଇ ପାରିବେ ନାହିଁ । କେବଳ ଘରୋଇ ସ୍ଥାନରେ ଘର ମାଲିକଙ୍କ ଅନୁମତି ବା ସହମତିରେ ପ୍ରାର୍ଥୀମାନେ ଏସବୁ ଲଗାଇ ପାରିବେ । ମତଦାନ କେନ୍ଦ୍ରର ୧୦୦ ମିଟର ଭିତରେ କୌଣସି ପ୍ରାର୍ଥୀଙ୍କର ପ୍ରଚାର ପତ୍ର ବା ବ୍ୟାନର ଇତ୍ୟାଦି ଲଗାଇବେ ନାହିଁ । ନିର୍ବାଚନ ଆଚରଣ ବିଧି ଅନୁପାଳନ କରିବା ପାଇଁ ସରକାରୀ ସ୍ଥାନରେ ଏସବୁ ଲଗାଯାଇଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବି.ଏମ୍.ସିରେ ୩ଟି ଟିମ୍ ଗଠନ କରାଯାଇଛି । ବହୁ ସରକାରୀ ସ୍ଥାନରେ ଏସବୁ ଲାଗିଥିବା ଓ ଏହାକୁ କଢା ଯାଉନଥିବା ସଂପର୍କରେ କେତେକ ପ୍ରାର୍ଥୀ ବୈଠକରେ ଦୃଷ୍ଟି ଆକର୍ଷଣ କରିବାରୁ ଏହାକୁ ଅଧିକ ବ୍ୟାପକ କରିବାକୁ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ତଥା ବି.ଏମ୍. ସି ପାଇଁ ନିୟୋଜିତ ନିର୍ବାଚନ ଅଧିକାରୀ ଶ୍ରୀ ସ୍ୱାଇଁ ଶୃଙ୍ଖଳିତ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କର ନିର୍ଦ୍ଦିଷ୍ଟ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ସଂପର୍କରେ କହିଥିଲେ । ସେହିପରି ଶୃଙ୍ଖଳିତ ନିର୍ବାଚନ ପାଇଁ ମୋବାଇଲ୍ ପୋଲିସ୍ ଟିମ୍ ଗଠନ କରାଯାଇଛି । ଏହି ଟିମ ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ ଅଂଚଳ ଗସ୍ତ କରି ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ତଦାରଖ କରିବେ । ପୂର୍ବରୁ ରାଜନୈତିକ ହିଂସା, ଗଣ୍ଡଗୋଳ ଓ ଅପରାଧରେ ଜଡିତ ଥିବା ବ୍ୟକ୍ତିଙ୍କ ଉପରେ ଡିସିପିଙ୍କ ତରଫରୁ କଡା ନଜର ରହିବ । ତେବେ ଭୁବନେଶ୍ୱର ରାଜ୍ୟର ରାଜଧାନୀ ଓ ଏହାର ଭୋଟର ଶିକ୍ଷିତ, ସଚେତନ । ଏଣୁ ଏଠାରେ ଶୃଙ୍ଖଳିତ ମତଦାନ ଉପରେ ସମସ୍ତଙ୍କର ନଜର ରହିଛି । ଏଣୁ ସମସ୍ତ ପ୍ରାର୍ଥୀ, ରାଜନୈତିକ ଦଳ ଓ ଭୋଟରମାନେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନରେ ସହଯୋଗ ପୂର୍ବକ ମୁକ୍ତ, ଅବାଧ, ନିରପେକ୍ଷ ନିର୍ବାଚନ କରି ଭୁବନେଶ୍ୱର ମହାନଗର ନିଗମରେ ଗଣତନ୍ତ୍ରର ସୁନାମ ଆଣିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବିଏମ୍‌ସି ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ତ୍ରିପାଠୀ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ, ପ୍ରତିନିଧିମାନଙ୍କୁ ନିର୍ବାଚନ ଆଦର୍ଶ ଆଚରଣ ବିଧି ସଂପର୍କରେ ଅବଗତ କରାଇ ନିର୍ବାଚନ ସମୟରେ କୁସଂସ୍କାରାତ୍ମକ ପ୍ରଚାରକୁ ନିବୃତ୍ତ ରହିବା, ଜାତି, ଧର୍ମ ଓ ବ୍ୟକ୍ତିଗତ ଆକ୍ଷେପରୁ ଦୂରରେ ରହିବା ଓ ସରକାରୀ ଅନୁଷ୍ଠାନମାନଙ୍କରେ ପ୍ରଚାର ପତ୍ର ନ କରିବା ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ ସମସ୍ତେ ସଚେତନ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାର୍ଥୀମାନଙ୍କର ନିର୍ବାଚନ ପ୍ରଚାର ଖର୍ଚ୍ଚ ତଦାରଖ କରିବା ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ ରହିଛନ୍ତି । ନିର୍ବାଚନ ପାଇଁ ଏକ ହ୍ୱାଟସଆପ୍ ନଂ- ୮୧୪୪୫୩୭୭୯୨ ପ୍ରଶାସନ ତରଫରୁ ଖୋଲାଯାଇଛି ଏବଂ ଲ୍ୟାଣ୍ଡ ଲାଇନ୍ ନଂ- ୦୬୭୪-୨୯୧୩୪୪୦ କାର୍ଯ୍ୟ କରୁଛି । ଏଥି ସହିତ ଡିସିପିଙ୍କ ପୋଲିସ୍ କଣ୍ଟ୍ରୋଲ୍ ରୁମ୍ ଟେଲିଫୋନ୍ ନଂ- ୮୦୯୩୦୨୮୧୦୭ କାର୍ଯ୍ୟ କରୁଛି । ତତ୍ ସହିତ ସ୍ଥାନୀୟ ସବୁ ପୋଲିସ୍ ଷ୍ଟେସନରେ ନିର୍ବାଚନ ସଂକ୍ରାନ୍ତୀୟ ଅଭିଯୋଗ ଗ୍ରହଣ କରାଯାଇପାରିବ । ଆସନ୍ତାକାଲି ୧୭ ତାରିଖ ଠାରୁ ଷ୍ଟ୍ରଙ୍ଗରୁମ୍‌ରେ ପରିଚାଳନା ଆରମ୍ଭ ହେବ । ଇଭିଏମ୍ କମିଶନିଂ ଆରମ୍ଭ ହୋଇ ଷ୍ଟ୍ରଙ୍ଗରୁମ୍‌ରେ ରହିବ । ମତଦାନ ପୂର୍ବରୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଇଭିଏମ୍ କମିଶନିଂ ସମୟରେ ପ୍ରାର୍ଥୀ କିମ୍ବା ସେମାନଙ୍କର ପ୍ରତିନିଧିମାନେ ଉପସ୍ଥିତ ରହିପାରିବା ଓ ପୋଲିଂ ପୂର୍ବରୁ ମକ୍ ପୋଲିଂ ସମୟରେ ପୋଲିଂ ଏଜେଣ୍ଟ ଉପସ୍ଥିତ ରହିବା ସଂପର୍କରେ ଅବଗତ କରାଇଥିଲେ । ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ନିର୍ବାଚନ ପ୍ରକ୍ରିୟାରେ ନିୟୋଜିତ ସମସ୍ତେ ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ସଂପାଦନ କରିବେ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିବା ସହିତ ସେହିପରି ସମସ୍ତ ପ୍ରାର୍ଥୀ, ରାଜନୈତିକ ଦଳର ସଦସ୍ୟ, ସଦସ୍ୟା ଓ ପ୍ରତିନିଧିମାନେ ଶୃଙ୍ଖଳିତ ନିର୍ବାଚନ ନେଇ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ପାଖେଇ ଆସୁଛି ପୌର ନିର୍ବାଚନ, ଜମୁଛି ପ୍ରଚାର

ବଲାଙ୍ଗିର, (ନିପ୍ର) : ପାଖେଇ ଆସୁଛି ପୌର ନିର୍ବାଚନ । ବେଶ୍ ଜୋର୍ ଧରିଛି ପ୍ରଚାର । ବଲାଙ୍ଗିର ସହରରେ ବିଜେଡ଼ି ପକ୍ଷରୁ ହେଭି ୱେଟ୍ ନେତାଙ୍କ ପ୍ରଚାରରେ ନିର୍ବାଚନୀ ମଇଦାନ ସରଗରମ ହୋଇ ପଡ଼ିଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ପ୍ରଚାର ଧୁମ୍‌ଧାମ୍ ଚାଲିଛି । ପ୍ରଚାରରେ ସାମାନ୍ୟ ପଛରେ ପଡ଼ିଥିବା ବିଜେପି ମଧ୍ୟ ନିଜ ପତିଆରା ରକ୍ଷା ପାଇଁ ବେଶ୍ ଅଂଟା ଭିଡ଼ିଛି । ଦେଖାଯାଉ, କାହା କପାଳକୁ ସୁନା କଳସ ଅପେକ୍ଷା କରିଛି ।

## ଇଟ୍ ସ୍ମାର୍ଟ ସିଟିଜ୍ ଚ୍ୟାଲେଞ୍ଜ ଜିତିଲା ରାଉରକେଲା

ଭୁବନେଶ୍ୱର, (ପିଆଇବି) : ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଇଟ୍ ସ୍ମାର୍ଟ ସିଟିଜ୍ ଚାଲେଞ୍ଜ ପ୍ରତିଯୋଗିତାର ଫଳାଫଳ ପ୍ରକାଶ ପାଇଛି । ଏହି ଚ୍ୟାଲେଞ୍ଜରେ ଓଡିଶାର ରାଉରକେଲା ସମେତ ଦେଶର ୧୧ଟି ସହର ବିଜୟୀ ହୋଇଛନ୍ତି । ଏବେ ଏହି ୧୧ଟି ସହର ଚାଲେଞ୍ଜର ଅଧିକ ଗଭୀର ସମ୍ପୃକ୍ତି (ଡିପର ଏନଗେଜମେଣ୍ଟ) ସ୍ତରରେ ପ୍ରବେଶ କରିଛନ୍ତି । ଫଳରେ ପୂର୍ବରୁ ପରୀକ୍ଷାମୂଳକ ପର୍ଯ୍ୟାୟରେ ଏସବୁ ସହରରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକୁ ଦୀର୍ଘସ୍ଥାୟୀ ଆଧାରରେ କାର୍ଯ୍ୟକାରୀ କରାଯିବ । ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (ଏଫଏସଏସଏଆଇ)ର ସହଭାଗିତାରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଚ୍ୟାଲେଞ୍ଜର ଶୁଭାରମ୍ଭ କରାଯାଇଥିଲା । ସହରାଞ୍ଚଳ ସ୍ତରରେ ଇଟ୍ ରାଇଟ୍ ଇଣ୍ଡିଆ ଆପ୍ରୋଚ୍ (ଉପଯୁକ୍ତ ଖାଦ୍ୟ ଗ୍ରହଣ ଦୃଷ୍ଟିକୋଣ)କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ପାଇଲଟ୍ ବା ପରୀକ୍ଷାମୂଳକ ପର୍ଯ୍ୟାୟରେ ଏହି ଚ୍ୟାଲେଞ୍ଜରେ ବିଜୟୀ ହୋଇଥିବା ୧୧ଟି ସହର ହେଲେ – ରାଉରକେଲା, ଚଣ୍ଡିଗଡ, ଇନ୍ଦୋର, ଜମ୍ମୁ, ଜବଲପୁର, ପାଣାଜୀ, ରାଜକୋଟ, ସାଗର, ସୁରଟ, ଟୁମକୁରୁ ଏବଂ ଉଜ୍‌ଜୈନୀ । ଖାଦ୍ୟ ପ୍ରଣାଳୀରେ କେତେ ଅଭିନବ ପଦକ୍ଷେପ ପାଇଁ ରାଉରକେଲାକୁ ବିଜେତା ସହର ମାନ୍ୟତା ମିଳିଛି । ଖାଦ୍ୟ ପ୍ରଣାଳୀରେ ପରିବର୍ତ୍ତନ ପାଇଁ ସହର ଏକ ଆର୍ଥିକ ଦୃଷ୍ଟିକୋଣ ଆପଣାଇଛି । ବ୍ଲୁମବର୍ଗ ଫିଲାନ୍ଥ୍ରୋପିଜ୍ ଦ୍ୱାରା ଆୟୋଜିତ ୨୦୨୧ ଗ୍ଲୋବାଲ ମେୟର୍ସ ଚାଲେଞ୍ଜରେ ରାଉରକେଲା ଦୁଇଟି ଭାରତୀୟ ସହର ମଧ୍ୟରେ ଅନ୍ୟତମ ସହର ଭାବେ ଚାମ୍ପିଅନ୍ ସିଟି ମାନ୍ୟତା ପାଇଥିଲା । ଆବର୍ଜନା ହ୍ରାସ ପାଇଁ ସହରରେ ସୌର ଶକ୍ତି ପରିଚାଳିତ ଶୀତଳ ଭଣ୍ଡାର ଏବଂ ମହିଳା ଉଦ୍ୟମିତା ନିମନ୍ତେ ସହାୟତା ଯୋଗାଇ ଦିଆଯାଇଛି । କ୍ଷୁଦ୍ର ଚାଷୀ ଏବଂ ଉଠାଦୋକାନୀଙ୍କ ସଶକ୍ତିକରଣ ପାଇଁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଏହି ଶୀତଳ ଭଣ୍ଡାରଗୁଡିକ ପରିଚାଳନା କରାଯାଉଛି । ରାଉରକେଲା '୧୫ ମିନିଟ୍ ସହର'ରେ ପରିଣତ ହେବା ଲାଗି ଲକ୍ଷ୍ୟ ରଖିଛି । ଏକ ଭର୍‌ଚୁଆଲ କାର୍ଯ୍ୟକ୍ରମରେ ମନ୍ତ୍ରଣାଳୟର ସଚିବ ମନୋଜ ଯୋଶୀ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ସ୍ମାର୍ଟସିଟିଗୁଡିକର ନାମ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ଏଫଏସଏସଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅରୁଣ ସିଂଘଲ ଉପସ୍ଥିତ ଥିଲେ । ଏହି ଚ୍ୟାଲେଞ୍ଜରେ ସହାୟତା କରିଥିବା ମିଲାନ୍ ଅର୍ବନା ଫୁଡ୍ ପଲିସି ପ୍ୟାକ୍ଟ (ଏମୟୁଏଫଏଫ), ବ୍ରିଟେନର ଦ ଫୁଡ୍ ଫାଉଣ୍ଡେସନର ମୂଲ୍ୟାଙ୍କନ କମିଟି ବିଶେଷଜ୍ଞ (୨ୟ ପୃଷ୍ଠା ଦେଖନ୍ତୁ)



DADLS-77 OIPR-15001/13/0129/2122

# ଓଡ଼ିଶା ପ୍ରସିଦ୍ଧ ମା' ତାରାତାରିଣୀଙ୍କ ଚୈତ୍ରପର୍ବ ପ୍ରସ୍ତୁତି ବୈଠକ



- ଚଳିତ ବର୍ଷ ମାନସିକଧାରୀ ଭକ୍ତଗଣ ମୁଣ୍ଡନ କରିପାରିବେ
- ବିନା ମାସ୍କରେ ପ୍ରବେଶ କରିବାକୁ ଦିଆଯିବ ନାହିଁ

ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟରେ ଅବସ୍ଥାପିତ ତଥା ବ୍ରହ୍ମପୁର ସହରରୁ ୩୫କିମି ଦୂର ଏବଂ ଗଞ୍ଜାମ ଜିଲ୍ଲା ମହକୁମା ଛତ୍ରପୁର ଠାରୁ ୨୫ କିମି ଦୂରରେ ଅବସ୍ଥିତ ଅଧିଷ୍ଠାତ୍ରୀ ଦେବୀ ବିଶ୍ୱବନ୍ଦନୀୟ ମା' ତାରାତାରିଣୀଙ୍କ ପୀଠରେ ଚଳିତ ବର୍ଷ ଚୈତ୍ରପର୍ବ ମହାସାମାରୋହରେ ପାଳିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଯାଇଛି । ସ୍ୱାଭାବିକ ଭାବେ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପୂର୍ବଭଳି ବିଧିବଦ୍ଧ ଭାବେ ପାଳନ ହେବା ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ତଥା ରାଜ୍ୟବାସୀଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ଚଳିତ ମାସ ୨୨,୨୯ ଏବଂ ଏପ୍ରିଲ ମାସ ୫ ଏବଂ ୧୨ ତାରିଖ ଦିନ ପାଳିତ ହେବାକୁ ଥିବା ଚୈତ୍ର ପର୍ବପାଳନ ନିମନ୍ତେ ପ୍ରସ୍ତୁତି ବୈଠକରେ ବିଧିବଦ୍ଧ ନିଷ୍ପତ୍ତି ହୋଇଛି । ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମସ୍ତ ପ୍ରକାର ଆୟୋଜନ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରିବାକୁ ଆଲୋଚନା ହୋଇଛି । ଚଳିତ ବର୍ଷ ଅଧିକ ଜନ ଗହଳି ହେବା ସମ୍ଭାବନା ରହିଥିବା ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ଉପରେ ଆଲୋଚନା ହୋଇଛି । ଭକ୍ତଗଣ ପାହାଚ ଚଢିବା ରାସ୍ତା, ରୋପ୍-ୱେ ମାଧ୍ୟମରେ ଏବଂ ଘାଟି ରାସ୍ତାରେ ବସ୍ ଯୋଗେ ମନ୍ଦିର ନିକଟକୁ ଯାଇ ମା'ଙ୍କର ଦର୍ଶନ କରିପାରିବେ ବୋଲି କୁହାଯାଇଛି । ଜିଲ୍ଲାରେ ସମ୍ପ୍ରତି କୋଭିଡ୍ ସଂକ୍ରମଣ ସଂଖ୍ୟା ଦୁଇ ଅଙ୍କରେ ରହୁଥିବା ହେତୁ ମା'ଙ୍କର ଦର୍ଶନ ସକାଶେ ସମସ୍ତେ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି । ମନ୍ଦିର ମଧ୍ୟକୁ ବିନା ମାସ୍କରେ ପ୍ରବେଶ କରିବାକୁ ଦିଆଯିବ ନାହିଁ । ମନ୍ଦିର ନିକଟରେ କୌଣସି ପୂଜା ସାମଗ୍ରୀ ବିକ୍ରିବଟା ହେବ ନାହିଁ । ମନ୍ଦିରର ପାଦଦେଶ ବା ପାହାଡ ତଳେ ନିର୍ଦ୍ଧାରିତ ସ୍ଥଳରେ ପୂଜାସାମଗ୍ରୀ ବିକ୍ରିବଟା କରିବାକୁ ଅନୁମତି ଦିଆଯିବ । ମନ୍ଦିର ପାଦଦେଶରେ ଏବଂ ମନ୍ଦିର ନିକଟରେ ସ୍ୱାସ୍ଥ୍ୟ ବିଭାଗଦଳ ଅସ୍ଥାୟୀ ଭାବେ ସେମାନଙ୍କର ସ୍ୱାସ୍ଥ୍ୟସେବା ଯୋଗାଇବେ । ଆଇନ୍ ଶୃଙ୍ଖଳା ପରିସ୍ଥିତି ସକାଶେ ପୋଲିସ ବାହିନୀ କାର୍ଯ୍ୟ ନିର୍ବାହ କରିବେ । ମନ୍ଦିର ଉପରକୁ କୌଣସି ଯାନବାହାନ ଯିବ ନାହିଁ । ଯାତ୍ରୀଗଣ ନିଜର ଯାନ ବାହାନ ପାର୍କିଂ ସ୍ଥଳରେ ରଖି ପାହାଡ ତଳେ ରଖାଯାଇଥିବା ବସ୍ ସେବା ଦ୍ୱାରା ଟିକେଟ କାଟି ମନ୍ଦିରକ ଉପରକୁ ଯାଇ ଦର୍ଶନ କରିବେ । ସେବାୟତଙ୍କ ଯାତାୟତ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ । ବାହାରୁ ଆସୁଥିବା ଭିଭିଆଇପି.ଙ୍କ ଯାତାୟତ ଦିଗରେ ଉପଜିଲ୍ଲାପାଳ ଦାୟୀତ୍ୱ ନିର୍ବାହ କରିବେ । ଅସୁସ୍ଥ ଥିବା ବ୍ୟକ୍ତି, ବୟସ୍କ ବ୍ୟକ୍ତି କିମ୍ବା କୋଭିଡ୍ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ମନ୍ଦିର ନ ଆସିବାକୁ ପରାମର୍ଶ ଦିଆଯାଇଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ସାଇନେଜ୍ ବୋର୍ଡ ଦ୍ୱାରା ବିଭିନ୍ନ ସ୍ଥାନର ସୂଚନା ଦିଆଯିବ । ପାହାଚ ରାସ୍ତା, ପାର୍କିଂସ୍ଥଳ ଏବଂ ରାସ୍ତାରେ ପାନୀୟଜଳର ବ୍ୟବସ୍ଥା ଓ ଆଲୋକୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମନ୍ଦିର ପରିସରରେ ଜରିର ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଭକ୍ତ ମାନଙ୍କର ସୁବିଧା ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ ତରଫରୁ ମନ୍ଦିର ନିକଟରେ ଏବଂ ପାଦ ଦେଶରେ ଅସ୍ଥାୟୀ ଶୌଚାଳୟ ଯାନର ବ୍ୟବସ୍ଥା କରାଯିବ ।

ମନ୍ଦିର ତରଫରୁ କାନିକା ଖେଚୁଡି ପ୍ରସାଦ ବିକ୍ରୀ ହେବ । ଭକ୍ତଗଣ ତାହା କିଣି ନିଜ ସାଥୀରେ ନେବେ । ମନ୍ଦିର ଉପରିସ୍ଥ ସ୍ଥାନରେ ଖାଇବା ସମ୍ପୂର୍ଣ୍ଣ ମନା କରାଯାଇଛି । ଅସ୍ଥାୟୀ ସିସି ଟିଭି ସଂଯୋଗ ବ୍ୟବସ୍ଥା ହେବ । ଚଳିତ ବର୍ଷ ମାନସିକଧାରୀ ଭକ୍ତଗଣ ମୁଣ୍ଡନ କରିପାରିବେ । ଆଲୁଅ ବ୍ୟବସ୍ଥା, ମନ୍ଦିର ପରିସରରେ ଛାଇ ନିମନ୍ତେ ଛାଉଣୀ ବ୍ୟବସ୍ଥା, ସାଂସ୍କୃତିକ ଦଳ ମାନଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ଓ ଲୋକକଳା ପ୍ରଦର୍ଶିତ ହେବ । ଚଳିତ ବର୍ଷର ଚୈତ୍ର ପର୍ବରେ ଭକ୍ତ ଓ ଦର୍ଶକଗଣ ମା'ଙ୍କର ଦର୍ଶନ ଶାନ୍ତି ଶୃଙ୍ଖଳାର ସହିତ କରିପାରିବେ ସେଥି ସକାଶେ ଜିଲ୍ଲାପାଳ ଶ୍ରୀ କୁଲେଙ୍ଗେ ଆଶା ପ୍ରକଟ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡ୍ରୁଡା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପଜିଲ୍ଲାପାଳ ନୀଳମାଧବ ଭୋଇ, ପୁରୁଷୋତ୍ତମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ତହସିଲଦାର ନୀତିଶ୍ ତ୍ରିପାଠୀ, ଏସ୍.ଡି.ପି.ଓ ସୂର୍ଯ୍ୟମଣୀ ପ୍ରଧାନ, ଆଇଆଇସି ପ୍ରୀୟ ରଞ୍ଜନ ଛୋଟରାୟ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ମନ୍ଦିର ଟ୍ରଷ୍ଟର କାର୍ଯ୍ୟ ନିର୍ବାହୀ ଅଧିକାରୀ ଟି.କେ ରେଡ୍ଡୀ, ତାରାତାରିଣୀ ଉନ୍ନୟନ ପରିଷଦର ସଂପାଦକ ତଥା ଟ୍ରଷ୍ଟ ବୋର୍ଡର ସଭ୍ୟ ପ୍ରମୋଦ କୁମାର ପଣ୍ଡା, ସେବାୟତ ସନତ ରଣା, ତପନ କୁମାର ରଣା ଏବଂ ବାପୁଜୀ ରଣା ଏବଂ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# ସେଞ୍ଚୁରିୟନ ବିଦ୍ୟାଳୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗିତାରେ ବିଦ୍ୟାଳୟର ପରିସରରେ ଅନ୍‌ଲାଇନ କର୍ମଶାଳା ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ଉଦ୍ୟମ ଓ ଉଦ୍‌ଯୋଗ ହିଁ ସଫଳତାର ଚାବିକାଠି । ସମ୍ପ୍ରତି ଜଗତୀକରଣର ଯୁଗରେ ଜଣେ ସଫଳ ଉଦ୍ୟୋକ୍ତା ହିଁ ସଫଳ ସମାଜର ମୂଳ ନିର୍ମାତା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦକ୍ଷତା ଉଦ୍ୟୋକ୍ତାର ସମସ୍ତ ଗୁଣଗୁଡିକ ବିକଶିତ କରିବା ଉଦ୍ଦେଶ୍ୟରେ ସେଞ୍ଚୁରିୟନ ବିଦ୍ୟାଳୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର (ଏଫ.ଏମ୍.ଏସ୍.) ବିଭାଗର ମିଳିତ ସହଯୋଗିତାରେ ବିଦ୍ୟାଳୟର ପରିସରରେ ଏକ ଅନଲାଇନ କର୍ମଶାଳା ଅନୁଷ୍ଠିତ ହୋଇଥିଲା । କର୍ମଶାଳାଟିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ର, ଛାତ୍ରୀଙ୍କ ଭିତରେ ଦକ୍ଷତା, ନେତୃତ୍ୱ, ବିଶ୍ଲେଷଣାତ୍ମକ ପ୍ରବୃତ୍ତି ଓ ଉଦ୍ୟୋକ୍ତାର ସମସ୍ତ ଗୁଣଗୁଡିକୁ ବିକଶିତ କରାଇବା । ଏଇ ଅନ୍‌ଲାଇନ କର୍ମଶାଳା ପ୍ରିୟାଂଶ ଖେମକା (କନିଷ୍ଠ ପ୍ରତିନିଧି ଏଫ୍. ଏମ୍. ଏସ୍., ଦିଲ୍ଲୀ ବିଶ୍ୱବିଦ୍ୟାଳୟ)ଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ସେ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଯେପରି ଛାତ୍ର, ଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ଓ ନେତୃତ୍ୱ ବୃଦ୍ଧି କରିବା, ଜଣେ ସଫଳ ଉଦ୍ୟୋକ୍ତା ହେବା ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରିବା ଉଚିତ ତାକୁ ଶ୍ରୀ ଖେମକା ଅତି ନିଖୁଣ ଭାବରେ ବୁଝାଇଥିଲେ । ଏହି କର୍ମଶଳାରେ ବିଦ୍ୟାଳୟର ଶହେ ଜଣ ଛାତ୍ର, ଛାତ୍ରୀ (ଅଷ୍ଟମ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସ୍ୱଇଚ୍ଛାରେ ଅଂଶ ଗ୍ରହଣ କରିଥିଲେ । ଛାତ୍ର, ଛାତ୍ରୀ ଓ ଶ୍ରୀ ଖେମକାଙ୍କ ମଧରେ ପ୍ରଶ୍ନୋତ୍ତରର ପର୍ଯ୍ୟାୟ ମଧ ହୋଇଥିଲା ଯାହା ଅଧିକ ସୂଚନାଧର୍ମୀ ଥିଲା । ଶେଷରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଷଡ଼ଙ୍ଗୀ କର୍ମଶାଳାଟିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ମାଧ୍ୟମରେ ଛାତ୍ର, ଛାତ୍ରୀଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ଉପାଧକ୍ଷା ଶ୍ରୀମତୀ ପୁଣ୍ୟତୋୟା ବିଶ୍ୱାଳ(ଉଦଯୋଗ ଓ ଉଦ୍ୟୋକ୍ତା ବିଭାଗର ମୁଖ୍ୟ) ସଂଯୋଜନା କରିଥିଲେ । କର୍ମଶାଳାଟିରେ ଯୋଗାଯୋଗ ବିଭାଗର ସଫଳ ଉପଦେଷ୍ଟା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା ଓ ଭକ୍ତି ପଢାରିଆ ମଧ ଅଂଶ ଗ୍ରହଣ କରି କର୍ମଶାଳାଟିକୁ ସଫଳ କରାଇଥିଲେ । ପରିଶେଷରେ ଆଞ୍ଚଳିକ ନିର୍ଦେଶକ ଶ୍ରୀ ଷଡ଼ଙ୍ଗୀ ଏକାଦଶ କଳା ଶ୍ରେଣୀର ପାଞ୍ଚ ଜଣ ଛାତ୍ରୀ, ଅଙ୍କିତା ସୁବୁଦ୍ଧି, ମିତାଲି ମଧୁସ୍ମିତା, ପଲ୍ଲବୀ ମେହେର, ଉଷାରାଣୀ ସାହୁ ଓ ନନ୍ଦିନୀ ଶତପଥିଙ୍କୁ ବିଦ୍ୟାଳୟର ପରିସରରେ ଏକ ଛୋଟ କ୍ୟାଣ୍ଟିନର ସଫଳ ପରିଚାଳନା ପାଇଁ ପୁରସ୍କୃତ କରିଥିଲେ । ଯାହା ଛାତ୍ର, ଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲା । ଆଞ୍ଚଳିକ ନିର୍ଦେଶକଙ୍କର ଏପରି ଅଭିନବ ପ୍ରୟାସକୁ ସହରର ସବୁ ମହଲରୁ ସ୍ୱାଗତ କରାଯାଇଛି ।

## ସମ୍ପାଦକୀୟ

# ରାସ୍ତାଘାଟ ପ୍ରତି ଆମ ନଜର

କୌଣସି ରାସ୍ତା ଦୁର୍ଘଟଣା-ଘଟଣା ଘଟୁ ଘଟୁ କୌଣସି ନେତା, ଅଧିକରୀ କିମ୍ବା ସରକାରଙ୍କୁ ଦୋଷ ଦେବାରେ ଆମେ ସାମାନ୍ୟ ବି କାଳ ବିଳମ୍ବ କରି ନଥାଉଁ । ତାହା ସ୍ଥାନ, କାଳ, ପାତ୍ର ଦୃଷ୍ଟିରୁ କେତେକ ଘଟଣାରେ ଗ୍ରହଣୀୟ ମଧ୍ୟ ହୋଇଥାଏ । ଅଥଚ ଆମେ ଆମ ରାସ୍ତାଘାଟର ସୁରକ୍ଷା ପ୍ରତି କେତେ ଦୂର ସଚେତନ, ତାହା ନିଶ୍ଚୟ ଚିନ୍ତାର ବିଷୟ । ପୂଜାପାଠ, ପ୍ରହରୀ, ନାମଯଜ୍ଞ, ବାହାଘର, ଏକୋଶିଆ ଆଦି କର୍ମରେ ଆମେମାନେ ରାସ୍ତାକୁ ଅକ୍ତିଆର କରିବା କ୍ଷେତ୍ରରେ ଯେମିତି ଖୁବ୍ ଧୁରନ୍ଦର, ଘର ତିଆରି ଆଦି କାମରେ ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ବିନ୍‌ଦାସ୍ ଭାବେ ଗଦା କରିବା ଦିଗରେ ମଧ୍ୟ ସେତିକି ମାହିର୍ । ଆମେ ସର୍ବସାଧାରଣଙ୍କ ଯାତାୟାତ ପାଇଁ ଉଦ୍ଦିଷ୍ଟ ରାସ୍ତାକୁ ଅବରୋଧ କରିବା ନିମନ୍ତେ ସାମାନ୍ୟ ମଧ୍ୟ କୁଣ୍ଠାବୋଧ ନ କରିବା କେତେଦୂର ଆଇନ ସମ୍ମତ, ତାହା ଚିନ୍ତା କରିବା ଏକାନ୍ତ ଆବଶ୍ୟକ ।

ଅନ୍ୟପକ୍ଷରେ ସ୍ଥାନୀୟ ମ୍ୟୁନିପାଲିଟି, ପୁଲିସ୍, ଟାଉନ୍ ପ୍ଲାନିଂ ବିଭାଗ ମଧ୍ୟ ଏଥିପ୍ରତି ଉଦାସୀନ ରହିବା ଦ୍ୱାରା କେଉଁ ପ୍ରକାର ଅବ୍ୟବସ୍ଥା ସୃଷ୍ଟି ହେଉଛି, ତାହା ମଧ୍ୟ ଚିନ୍ତାର ପରିସରକୁ ଆସିବା ବିଧେୟ । ଏଦିଗରେ ସଚେତନ କରାଇବାର ଦାୟିତ୍ୱ ବହନ କରିଥିବା ବିଭାଗଗୁଡ଼ିକ ଯଥେଷ୍ଟ ସଚେତନ ହେବା ଆବଶ୍ୟକ ମଧ୍ୟ ।

ବର୍ତ୍ତମାନ ପର୍ଯ୍ୟନ୍ତ ବଲାଙ୍ଗିର ବାଇପାସ୍ ରାସ୍ତାକୁ ନେଇ ନାନା ପ୍ରକାର ଦ୍ୱନ୍ଦ ତଥା ସରକାରୀ ଉଦାସୀନତା ଲାଗି ରହିଥିବା ବେଳେ ଜନସାଧାରଣଙ୍କ ରାସ୍ତାଘାଟ ସୁରକ୍ଷା ପ୍ରତି ଏଭଳି ଦୁରାଚାର 'ଆ ବଳଦ ମତେ ବିନ୍ଧ'ର ବାର୍ତ୍ତା ବହନ କରୁଥିବା ସ୍ପଷ୍ଟ ଜଣାପଡୁଛି । ତେବେ କେବଳ ବାଇପାସ୍ ଓ ରିଂରୋଡ୍ ଯେ ଆମକୁ ସଡ଼କ ସୁରକ୍ଷା ଆଣିଦେବ, ଏହା ଚିନ୍ତା କରିବା ମୁର୍ଖାମୀ ଛଡ଼ା କିଛି ନୁହଁ । ସଡ଼କ ସୁରକ୍ଷା ପାଇଁ ନିଜେ ଜନସାଧାରଣ ତଥା ନେତା, ଅଧିକାରୀ ସଭିଏଁ ଜାଗ୍ରତ ହେବା ଜରୁରୀ ।

କୌଣସି ଧର୍ମ କର୍ମ କିମ୍ବା ନବ ପ୍ରତିଷ୍ଠା ଆଦି କର୍ମ ପାଇଁ କାହାର ବିରୋଧ ରହେନାହିଁ କିମ୍ବା ରହିବା ଉଚିତ ନୁହେଁ ମଧ୍ୟ । ଅଥଚ ଆମେ ଯେତେବେଳେ ଏଭଳି କିଛି କର୍ମ ପାଇଁ ପଦକ୍ଷେପ ନେବାକୁ ଚିନ୍ତା କରୁଛୁ, ସେତେବେଳେ ରାସ୍ତାକୁ ବାଦ୍ ଦେଇ ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା ପାଇଁ ନିଶ୍ଚୟ ଧ୍ୟାନ ଦେବା ବାଞ୍ଛନୀୟ । ଏହାଦ୍ୱାରା ସାମାଜିକ ସୁରକ୍ଷା ସହ ବହୁମୂଲ୍ୟ ଧନଜୀବନ ସୁରକ୍ଷା ସମ୍ଭବ ହୋଇ ପାରିବ । ସଡ଼କ ସୁରକ୍ଷା, ଜୀବନ ରକ୍ଷା.... ଆମର ମନ୍ତ୍ର ହେଉ, ଏହା ହିଁ କାମନା ।

# ସଇଁତଲା ଓ ବଡମାଲ ଷ୍ଟେସନରେ ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ଦାବୀ : ଇଷ୍ଟକୋଷ୍ଟ ରେଲୱେ ଜିଏମ୍ ଅର୍ଚ୍ଚନା ଯୋଶୀଙ୍କୁ ବିଭିନ୍ନ ସଂଗଠନ ତରଫରୁ ଦାବୀପତ୍ର



ସଇଁତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ସଇଁତଲା ଓ ବଡ଼ମାଳ ରେଲୱେ ଷ୍ଟେସନକୁ ଇଷ୍ଟକୋଷ୍ଟ ରେଲୱେର ଜିଏମ୍ ଅର୍ଚ୍ଚନା ଯୋଶୀ ଓ ସମ୍ବଲପୁର ଡିଭିଜନ ଡିଆର୍‌ଏମ୍ ପ୍ରଦୀପ କୁମାର ସଇଁତଲା ଓ ବଡ଼ମାଳ ରେଳ ଷ୍ଟେସନ ପରିଦର୍ଶନରେ ଆସିଥିଲେ । ପ୍ରଥମେ ସଇଁତଲା ବିକାଶ ପରିଷଦ ସଦସ୍ୟମାନେ ଭେଟି ସଇଁତଲା ରେଳଷ୍ଟେସନରେ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନର ରହଣୀ ପାଇଁ ଦାବୀ କରିଥିଲେ । ଏହାପରେ ସଇଁତଲାର ନବ ନିର୍ବାଚିତ ଯୁବ ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପହଂଚି ସଇଁତଲା ବ୍ଲକ ଛକଠାରେ ଥିବା ରେଲୱେ କ୍ରସିଂଙ୍ଗ ଫାଟକରେ ଓଭରବ୍ରିଜ ନିର୍ମାଣ ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ । ଏହା ସହିତ ବଡମାଲଠାରେ ବିପିଏମ୍‌ଏସ୍‌ର କେନ୍ଦ୍ରୀୟ ସଂପାଦକ ରବୀନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ବିପିଏମ୍‌ଏସ୍ ଶ୍ରମିକ ସଂଘ ପ୍ରତିନିଧିମାନେ ଉପରୋକ୍ତ ଦୁଇ ରେଳ ଅଧିକାରୀଙ୍କୁ ଭେଟି ବଡମାଲ ରେଳ ଷ୍ଟେସନରେ ଇସ୍ପାତ, ବୋକାରୋ, ଆଲେପି ଏବଂ ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ । ଟ୍ରେନ ରହଣୀ ଦିଗରେ ତ୍ୱରିତ ଆବଶ୍ୟକୀୟ ପଦକ୍ଷେପ ନିଆଯିବାକୁ ଦୁଇ ଅଧିକାରୀଙ୍କୁ ସେମାନେ ଅନୁରୋଧ କରିଥିଲେ । ଶ୍ରମିକ ସଂଘ ସାଧାରଣ ସଂପାଦକ ହରିହର ସିଂ, ସିଇସି ସଦସ୍ୟ ଅରୁଣ ପଟେଲ, ପ୍ରଦୀପ କର, ଅନିଲ ବେହେରା, ବିକାଶ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଯୋଗେଶ ମେହେର, ବିଶ୍ୱମ୍ଭର ତ୍ରିପାଠୀ, ଅଶୋକ ନାୟକ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ହୋଇଥିଲେ । ସଇଁତଲା ଓ ବଡମାଲ ଷ୍ଟେସନରେ ଉପରୋକ୍ତ ଟ୍ରେନଗୁଡିକର ରହଣୀ ନେଇ ଆବଶ୍ୟକ ପଦକ୍ଷେପ ତୁରନ୍ତ ନିଆଯିବ ବୋଲି ଇଷ୍ଟକୋଷ୍ଟ ରେଲୱେ ଜିଏମ୍ ପ୍ରତିଶ୍ରୁତି ପ୍ରଦାନ କରିଥିବା ଜଣାପଡିଛି ।

# ଇଟ୍ ସ୍ମାର୍ଟ ସିଟିଜ୍ ଚ୍ୟାଲେଂଜ ଜିତିଲା ରାଉରକେଲା ..... (ପ୍ରଥମ ପୃଷ୍ଠାରୁ)

ବିଶେଷଜ୍ଞଙ୍କ ସମେତ ଭାରତ, ବିଶ୍ୱସ୍ତରୀୟ ଅଧିକାରୀ, ପୁରସ୍କାର ବିଜେତା ସହରର ପ୍ରତିନିଧି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀଗଣ ଏବଂ ୧୦୦ଟି ସ୍ମାର୍ଟ ସିଟିର ମହାନଗର ନିଗମ କମିଶନରମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମନୋଜ ଯୋଶୀ କହିଥିଲେ ଯେ ଇଟ୍ ରାଇଟ୍ ଇଣ୍ଡିଆ ଆପ୍ରୋଚ୍ ସ୍ମାର୍ଟ ସିଟି ସ୍ତରରେ ବୃଦ୍ଧି ପାଇବା ଖୁସିର ବିଷୟ । ଦେଶର ସବୁ ସହରରେ ଖାଦ୍ୟ ପ୍ରଣାଳୀରେ ପରିବର୍ତ୍ତନ ଆଣିବା, ଖାଦ୍ୟ ନିରାପତ୍ତା ଓ ନିୟାମକ ପରିବେଶକୁ ସୁଦୃଢ଼ କରିବା, ଉପଭୋକ୍ତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ତଥା ଭାରତୀୟ ସହରରେ ଉନ୍ନତ ଖାଦ୍ୟ ବିକଳ୍ପ ଉପଲବ୍ଧ କରିବାରେ ଏହି ପ୍ରତିଯୋଗିତା ବିଶେଷ ସହାୟକ ହୋଇପାରିବ । ସ୍ମାର୍ଟ ସିଟି ମିଶନରେ ସାମିଲ ହୋଇଥିବା ୫ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହର ଏହି ଚାଲେଞ୍ଜରେ ଅଂଶଗ୍ରହଣ କରିଥିଲେ । ୩୬ ସହର ପକ୍ଷରୁ ସେମାନଙ୍କର ସ୍କୋର କାର୍ଡ ଏବଂ ଭିଜନ୍ ଫର୍ମ ଦାଖଲ କରାଯାଇଥିଲା । ବିଚାରକ ମଣ୍ଡଳୀଙ୍କ ମୂଲ୍ୟାଙ୍କନ ପରେ ୧୧ଟି ସହରକୁ ଚୟନ କରାଯାଇଥିଲା । ବିଜେତା ସହରମାନଙ୍କୁ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୫୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯିବ । ଏସବୁ ସହରରେ ଆସନ୍ତା ୧୨ ମାସ ମଧ୍ୟରେ ଇଟ୍ ରାଇଟ୍ ଇଣ୍ଡିଆ ଅଭିଯାନକୁ କାର୍ଯ୍ୟକାରୀ କରାଯିବା ସହିତ ଅଧିକ ଗଭୀର ସମ୍ପୃକ୍ତି ପାଇଁ ବିଭିନ୍ନ ପ୍ରକାର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ।


# ଫ୍ଲାଇଙ୍ଗ ସ୍କ୍ୱାର୍ଡ ଓ ଅବକାରୀ ବିଭାଗ ପକ୍ଷରୁ ବିଦେଶୀ ନକଲି ମଦ କାରଖାନାରେ ଚଢାଉ : ବ୍ୟାପକ ପରିମାଣର ନକଲି ମଦ ଜବତ



ଢେଙ୍କାନାଳ, (ନିପ୍ର) : ଢେଙ୍କାନାଳ ଜିଲ୍ଲା ଭୁବନ ଥାନା କହ୍ନେଇପାଳ ଗାଁରେ ଥିବା ବିଦେଶୀ ନକଲି ମଦ ତିଆରି କାରଖାନାରେ ଚଢାଉ କରି ବିପୁଳ ପରିମାଣର ନକଲି ମଦ ଜବତ କରିଛି ଅବକାରୀ ବିଭାଗ । ତେବେ କୋଣସି ସୂତ୍ରରୁ ଖବର ପାଇ କଟକ ଫ୍ଲାୟିଙ୍ଗ ସ୍କ୍ୱାର୍ଡ ଓ ଅବକାରୀ ବିଭାଗର ମିଳିତ ଚଢାଉ କରାଯାଇ ବ୍ୟାପକ ପରିମାଣର ବିଦେଶୀ ମଦ ତିଆରି ସାମଗ୍ରୀ ଜବତ କରିବା ସହ ଜଣେ ମଦ ମାଫିଆକୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ହୋଇଥିବା ମଦ ମାଫିଆ ଜଣକ ଭୁବନ ଥାନା ଅନ୍ତର୍ଗତ କହ୍ନେଇପାଳ ଗାଁର ବିଷ୍ଣୁ ଚରଣ ବେହେରା ବୋଲି ଜଣାପଡିଛି । ନକଲି ବିଦେଶୀ ମଦ କାରଖାନାରୁ ୬୦ ଲିଟର ନକଲି ବିଦେଶୀ ମଦ ୩୬୦ ଲିଟର ସ୍ପିରଟି, ୩ହଜାର ନକଲି ଲେବଲ, ୨ହଜାର ୪ସହ ଠିପି, ୧ହଜାର ଖାଲି ବୋତଲ, ୧ଲିଟର କାରାମେଲ, ୧ଲିଟର ଏ ସେନ୍ସ ଫ୍ଲେବର ଜବତ କରାଯାଇଛି । ସୂଚନା ଅନୁସାରେ ଏହା ପୂର୍ବରୁ ମଧ ଅବକାରୀ ବିଭାଗ ଦ୍ୱାରା ଏକ ମଦ ଟ୍ୟାଙ୍କରକୁ ଧରିବାରେ ସଫଳ ହୋଇଥିଲା । ଯାହାକୁ ଭିର୍ତ୍ତି କରି ଅବକାରୀ ପୋଲିସ କହ୍ନେଇପାଳ ଗାଁରେ ଧରିବାରେ ସକ୍ଷମ ହୋଇଥିଲା ।

ତେବେ ଆଗାମୀ ଦିନରେ ଏହାକୁ ନେଇ ଅନେକ କିଛି ଗୁମର ସାମ୍ନାକୁ ଆସିବ ବୋଲି ଚର୍ଚ୍ଚା ହେଉଛି ।

# ତାଲପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସି.ସି ଟିଭି ଏବଂ ଥଣ୍ଡା ପାନୀୟ ଜଳ ଉଦ୍‌ଘାଟନ



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ତାଲପାଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ନବ ନିର୍ବାଚିତ ସରପଞ୍ଚ ଉର୍ମିଳା ସେଠ, ନାଏବ ସରପଞ୍ଚ ସଞ୍ଜିବ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ନୀଳମଣୀ ବରିହାଙ୍କୁ ଜି.ଏସ୍ ସଂଘ ପକ୍ଷରୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଉର୍ମିଳା ସେଠ ସିସିଟିଭିର ଶୁଭାରମ୍ଭ କରିଥିଲେ । ସମାଜସେବୀ ତଥା ପୂର୍ବତନ ସରପଞ୍ଚ ଚୈତନ ସାହୁ ଥଣ୍ଡା ପାନୀୟ ଜଳ(ଫ୍ରିଜର୍)କୁ ଶୁଭାରମ୍ଭ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ପି.ଇଓ ପାଣ୍ଡବ ନନ୍ଦ, ଜି.ଆର୍.ଏସ୍ ସୁଦର୍ଶନ ବେହେରା, ଜି.ଏସ୍ ସଂଘର ସଭାପତି ଖୁସିନ୍ଦ୍ର ସାହୁ, ସଂପାଦକ ସତ୍ୟ ଭୁଷଣ ସାହୁ, କୋଷାଧକ ସଂପଦ ପ୍ରଧାନ, କୃଷ୍ଣ ସାହୁ, ବସନ୍ତ ସାହୁ, କଳ୍ପନା ବରିହା, ଶେଷଦେବ ସାହୁ, ସୁଦାମ ପ୍ରଧାନ, ଦିଲ୍ଲିପ ବରିହା, ଜୟସିଂ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଛତ୍ରପୁର ୧୨ ନମ୍ବର ୱାର୍ଡରେ ବିଜେପିର ଦମ୍‌ଦାର ପ୍ରଚାର



ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ଜିଲ୍ଲାର ସଦରମହକୁମା ଛତ୍ରପୁରରେ ବିଜେପି ଓ ବିଜେଡି ଚେୟାରମ୍ୟାନ ପ୍ରାର୍ଥିନୀଙ୍କ ପ୍ରଚାର ଘମାଘୋଟ ସଦୃଶ ହୋଇଛି । ରବିବାର ସନ୍ଧ୍ୟାରେ ରିକାପଲ୍ଲୀ ରେଡ୍ଡୀ ସାହି ଆଡ଼ପଘର ନିକଟରେ ଅସ୍ଥାୟୀ ବିଜେପି ଦଳୀୟ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ବିଜେପି ନେତା ବିଭୂତି ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନହିତକର ଯୋଜନା, ଆବାସ ଯୋଜନା, ସ୍ମାର୍ଟସିଟି ଯୋଜନା, ସାଗରମାଳା-ତଟପରିବେଶ ପରିଯୋଜନା ଆଦି ଉପରେ ଆଲୋକପାତ କରାଇ ଭୋଟରଙ୍କୁ ପ୍ରଭାବିତ କରାଇଥିଲେ । ଛତ୍ରପୁର ବାର ଆସୋସିଏସନ୍‌ର ସଭାପତି ତଥା ଜିଲ୍ଲା ବିଜେପି ଲିଗାଲ ସେଲ୍ ଅଧକ୍ଷ ଆଇନଜୀବୀ ପ୍ରଦୀପ ପାଢ଼ୀ ଯୋଗଦେଇ ଛତ୍ରପୁର ଏନ୍ଏସିର ବହୁ ଅର୍ଥ ହରିଲୁଟ୍ ହେବା ଘଟଣା ବିଷୟରେ କହି ସରକାରଙ୍କ ବିଭିନ୍ନ ଯୋଜନାର ଆତ୍ମସାତ ହୋଇଥିବା କହିଛନ୍ତି । ଭାରତ ସରକାରଙ୍କ ବହୁ ଯୋଜନା ଲୋକେ ଉପଲବ୍ଧି ନ ହେବା ଏକ ଦୁର୍ଭାଗ୍ୟଜନକ ଯାହା ଆଞ୍ଚଳିକ ନେତାଙ୍କ ଦ୍ୱାରା ଲୋକେ ଶିକାର ହେବା ବିଷୟରେ କଟୁ ସମାଲୋଚନା କରି ବଖାଣିଥିଲେ । ନେତୃବର୍ଗ ମାନେ ବିଜେପି ପ୍ରାର୍ଥିନୀଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଆହ୍ୱାନ କରିଥିଲେ । ବିଜେପି ରାଜ୍ୟ ସଦସ୍ୟ ପ୍ରଶାନ୍ତ କର, ନଗର ସଭାପତି ସଞ୍ଜିତ ରାଉଳ, ଜିଲ୍ଲା ଉପସଭାପତି ରାଜେଶ ସାହୁ, ସାହିର ବରିଷ୍ଠ ନାଗରିକ ସୀମାଦ୍ରୀ ଚୌଧୁରୀ, ଦୟାନିଧି ସାହୁ, ମନୋରଞ୍ଜନ ବେହେରା ପ୍ରମୁଖ ବିଜେପି ସପକ୍ଷରେ ପ୍ରଚାର ଅଭିଭାଷଣ ଦେଇଥିଲେ । ୧୨ ନମ୍ବର ୱାର୍ଡ ବିଜେପି ପ୍ରାର୍ଥିନୀ ଡି.କଲ୍ୟାଣୀ ରେଡ୍ଡୀଙ୍କ ସପକ୍ଷରେ ବହୁ ମହିଳା ନେତ୍ରୀ ଘର ଘର ବୁଲି ପ୍ରଚାର ଜୋର ସୋର ଚଳାଇଛନ୍ତି । ସେହିପରି ପୂର୍ବତନ କାଉନ୍ସିଲର ଟି.ଚନ୍ଦ୍ରଶେଖର ରାଓଙ୍କ ଧର୍ମପତ୍ନୀ ଟି.ଲକ୍ଷ୍ମୀ ବିଜେଡି ପ୍ରାର୍ଥିନୀ ଭାବେ ପ୍ରଚାର ମୈଦାନରେ ଓହ୍ଲାଇଛନ୍ତି, ତାଙ୍କ ସହ ତୀବ୍ର ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ସମାଜସେବୀ କେ.ଚନ୍ଦ୍ରଶେଖର ରେଡ୍ଡୀଙ୍କ ଧର୍ମପତ୍ନୀ ବିଜେପି ପ୍ରାର୍ଥିନୀ ଶର୍ମିଷ୍ଠା ପ୍ରଧାନ ପ୍ରଚାର ମୈଦାନରେ ଲଢେଇ ଜାରୀ ରଖିଛନ୍ତି । ଛତ୍ରପୁର ଅଞ୍ଚଳରେ ତେଲୁଗୁ ଭାଷାଭାଷୀଙ୍କ ପ୍ରାଧାନ୍ୟ ଜାହିର ରହିଥିବା ସ୍ଥଳେ ଏଠାରେ ପୂର୍ବରୁ ମଧ ତେଲୁଗୁ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଚେୟାରମ୍ୟାନ ଓ କାଉନ୍ସିଲର ପଦବୀରେ କ୍ଷମତାରେ ରହିଆସିବା ସ୍ୱାଭାବିକ ବିଷୟ ହୋଇଛି । ତେବେ ଚେୟାରମ୍ୟାନ ପ୍ରାର୍ଥିନୀ କିଏ ବିଜୟୀ ହେବେ ତାହା ସମୟ କହିବ । ଏହି ଦୁଇ ତେଲୁଗୁ ପ୍ରାର୍ଥିନୀଙ୍କ ମଧ୍ୟରେ ଜାରୀ ରହିଥିବା ପ୍ରଚାର ଲଢେଇ ଏବେ ଘମାଘୋଟ ସଦୃଶ ହୋଇଥିବା ଦେଖାଦେଇଛି ।

# କମଗାଁ ମହାବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ



ବରଗଡ଼, (ନିପ୍ର) : ବରଗଡ଼ ଜିଲ୍ଲା କମଗାଁ ମହାବିଦ୍ୟାଳୟ ଠାରେ ଶକୁନ୍ତଳା ବିଦ୍ୟାଧର ଟ୍ରଷ୍ଟ, ସମ୍ବଲପୁର ଓ ବିକାଶ ଏଡୁକେଶନାଲ ଚେରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱର ଦ୍ୱାରା ବରଗଡ଼ ଜିଲ୍ଲାର ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଛାତ୍ରଛାତ୍ରୀମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା । ଏଥିରେ ଭଟଲି ତହସିଲଦାର ପ୍ରଶାନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ମୁଖ୍ୟ କମିଶନର, କଷ୍ଟମ, (ବିକାଶ ଏଡୁକେଶନାଲ ଚେରିଟେବୁଲ ଟ୍ରଷ୍ଟ) ସୁବାଷ ଚନ୍ଦ୍ର ଚୌଧୁରୀ, ଗଙ୍ଗାଧର ମେହେର ୟୁନିଭର୍ସିଟିର ଅବସରପ୍ରାପ୍ତ ଡିନ ଡ଼ କାମଦେବ ସାହୁ, ଶକୁନ୍ତଳା ବିଦ୍ୟାଧର ଟ୍ରଷ୍ଟ, ସମ୍ବଲପୁରର ସମ୍ପାଦକ ଲମ୍ବୋଦର ସାହୁ, କମଗାଁ କଲେଜର ଅଧକ୍ଷ ପ୍ରେମାନନ୍ଦ ପଟେଲ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ୧୩୩ ଜଣ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ପିଲାମାନଙ୍କୁ ସାହୁ ବ୍ରଦର୍ସ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କା, ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ୧୦୦୦୦ ଟଙ୍କା, ଯୁକ୍ତ ଦୁଇ କଳା ଛାତ୍ରଛାତ୍ରୀଙ୍କୁ ୧୦୦୦୦ ଟଙ୍କା, ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଛାତ୍ରୀଙ୍କୁ ୧୨୦୦୦ ଟଙ୍କା, ଯୁକ୍ତ ତିନି କଳା ଛାତ୍ର ଛାତ୍ରୀଙ୍କୁ ୧୨୦୦୦ ଟଙ୍କା ଯୁକ୍ତ ତିନି ବିଜ୍ଞାନ ଛାତ୍ର ଛାତ୍ରୀଙ୍କୁ ୧୫୦୦୦ ଟଙ୍କା, ସ୍ନାତକୋତ୍ତର ଛାତ୍ର ଛାତ୍ରୀଙ୍କୁ ୧୫୦୦୦ ଟଙ୍କା, ମେଡିକାଲ ଛାତ୍ରଛାତ୍ରୀଙ୍କୁ ୩୦୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଅଧକ୍ଷ ପ୍ରେମାନନ୍ଦ ପଟେଲ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଡ଼ କାମଦେବ ସାହୁ ସଭାପତିତ୍ୱ କରିଥିଲେ । ଶକୁନ୍ତଳା ବିଦ୍ୟାଧର ଟ୍ରଷ୍ଟର ଟ୍ରଷ୍ଟି ରବିନାରାୟଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଅଧାପିକା ଅନୁପମା ପଣ୍ଡା, ଜ୍ୟୋତିର୍ମୟୀ ପ୍ରଧାନ, ଟୁନି ବେହେରା ଛାତ୍ରବୃତ୍ତି ପ୍ରଦାନରେ ସହାୟତା କରିଥିଲେ ।

# ମ୍ୟୁଜିକ୍ ସର୍କଲରେ ବସନ୍ତ ସମରୋହର ୩ୟ ସଂଧା

## ରାଉରକେଲାର ସାଂସ୍କୃତିକ ଇତିହାସକୁ ମ୍ୟୁଜିକ୍ ସର୍କଲର ଅବଦାନ ଅତୁଳନୀୟ



ରାଉରକେଲା, (ନିପ୍ର) : ଚାରିଦିନ ବ୍ୟାପୀ ଚାଲିଥିବା ବସନ୍ତ ସମାରୋହର ତୃତୀୟ ସଂଧ୍ୟା ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ଉପମହାପ୍ରବନ୍ଧକ ଇଂ.ପ୍ରତାପ କୁମାର ରାୟଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ସାଧାରଣ ସଂପାଦିକା ଅଳକା ଚାନ୍ଦ ଅନୁଷ୍ଠାନର ଦୀର୍ଘ ୪୫ ବର୍ଷର ସଂଘର୍ଷମୟ ଇତିହାସ ଅତ୍ୟନ୍ତ ଭାବବିହ୍ୱଳ ହୋଇ ବର୍ଣ୍ଣନା କରିଥିଲେ । ଇଂ. ରାୟ ତାଙ୍କ ସ୍ୱାଗତ ଅଭିଭାଷଣରେ ମ୍ୟୁଜିକ୍ ସର୍କଲର ଗୌରବମୟ ଅତୀତ ସମ୍ପର୍କରେ ଆଲୋକପାତ କରିବା ସହ ସାଧାରଣ ସଂପାଦିକାଙ୍କ ଅଦମ୍ୟ ଉତ୍ସାହକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଇସ୍ପାତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ତାତ୍ତ୍ୱିକ ଅଭିଭାଷଣରେ ବେଦ-ଉପନିଷଦରୁ ଉଦାହରଣ ଦେଇ କହିଲେ ଯେ, ନୃତ୍ୟ-ସଂଗୀତ ବ୍ୟକ୍ତିକୁ ନିର୍ଲିପ୍ତ ଅବସ୍ଥା ପ୍ରଦାନ କରି ଏକ ଆନନ୍ଦମହ ଅବସ୍ଥାକୁ ଉନ୍ନିତ କରି ଭଗବତ ପ୍ରାପ୍ତିରେ ସହାୟକ ହୋଇଥାଏ । ଉତ୍ସବର ଦ୍ୱିତୀୟ ଭାଗରେ କଲିକତରୁ ଆସିଥିବା ବେତାର ତଥା ଦୂରଦର୍ଶନ କଣ୍ଠଶିଳ୍ପୀ ଶ୍ରୀମତୀ ଲୁପ୍ତା ରାୟ ଓ ସାଥୀ ଭଜନ, ଗଜଲ ଏବଂ ଲୋକ ସଂଗୀତ ପରିବେଷଣ କରି ସ୍ରୋତାମାନଙ୍କୁ ମନ୍ତ୍ରାୟିତ କରିଥିଲେ । ମ୍ୟୁଜିକ୍ ସର୍କଲର କଳାକାରମାନେ ଗୁରୁ ସୁଦେଷ୍ଣା ରାଣୀ ରାଉତଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ କଲିକତାର ନୃତ୍ୟ ଗୁରୁ ସୁଚରିତା ଦତ୍ତ ଘଟାଙ୍କ ନେତୃତ୍ୱରେ ମୀରା ଘୋଷ, ରାଜରୂପା ଘୋଷ, ଋତୁ ବିଶ୍ୱାସ ପ୍ରଭୃତିଙ୍କ ଦ୍ୱାରା ପରିବେଶିତ କଥକ ନୃତ୍ୟ ଦର୍ଶକ ମାନଙ୍କୁ ଏକ ଅତୀନ୍ଦ୍ରୀୟ ଅନୁଭୂତିରେ ମୁଗ୍ଧ କରିଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଅନୀଲ ଦାସ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସନ୍ତୋଷ ମଲ୍ଲିକ, ଲକ୍ଷ୍ମଣନାଥ ଦାସ, ଉମାକାନ୍ତ ମଲ୍ଲିକ, ନିଖିଳେଶ୍ୱର ଦାସ, ନନ୍ଦ ଦୁଲାଳ ସିହ୍ନା, ମିତାଲି ସିହ୍ନା, ବିବେକାନନ୍ଦ ପଣ୍ଡା ପ୍ରମୁଖ ସହାୟତା କରିଥିବା ବେଳେ ଅର୍ଜନ ଭୂୟାଁ, ସୁଶାନ୍ତ କୁମାର ନାୟକ, ରାଜୀବ ପାଣି, ସୁପ୍ରଭା ରାୟ, ସାବିତ୍ରୀ ଦାସ, ଜୟଶ୍ରୀ ଦାସ, ଡଃ ମଞ୍ଜୁଳା ପାତ୍ର, ତ୍ରିଲୋଚନ ସ୍ୱାଇଁ ପ୍ରଭୃତିଙ୍କ ସହ ଶତାଧିକ ଦର୍ଶକ ଉପଭୋଗ କରିଥିଲେ ।

# ଜୁନିଅର ରେଡକ୍ରସ କାଉନସିଲରସ୍ ତାଲିମ ଉଦ୍‌ଯାପିତ



ସୁବର୍ଣ୍ଣପୁର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅନ୍ତର୍ଗତ କୁହିବାହାଲ ହାଇସ୍କୁଲ ପ୍ରାଙ୍ଗଣରେ ୩ ଦିନ ବ୍ୟାପୀ ଜୁନିଅର ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖାର ସଂପାଦକ ସିଟିଏମ୍ ସୁଗୁଣା ଏବଂ ସୋନପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଆୟୋଜିତ ହୋଇଥିବା ଜୁନିଅର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଆୟୋଜିତ ସଭାରେ କୁହିବାହାଲ ହାଇସ୍କୁଲର ପ୍ରଧାନଶିକ୍ଷକ ମୁରଲୀ ବିଶ୍ୱାଲ ଅଧକ୍ଷତା କରିଥିଲେ । ସୋନପୁର ଏଡିଓ ମଞ୍ଜୁଲତା ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ପରାମର୍ଶଦାତାମାନେ ଶିବିରରେ ଗ୍ରହଣ କରିଥିବା କୌଶଳ ପ୍ରୟୋଗ କରି ରେଡକ୍ରସର ମାନବୀୟ ଗୁଣକୁ ଛାତ୍ରଛାତ୍ରୀମାନଙ୍କୁ ଉପଲବ୍ଧି କରାଇବାରେ ସହାୟକ ହେବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ମାର୍ଗଦର୍ଶନ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଗଡତିଆ, ଜିଲ୍ଲା ସଂପାଦକ ହିମାଂଶୁ ଶେଖର କର ଏବଂ ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟାତ ଶିବରକୁ ପରିଚାଳନା କରିଥିଲେ । ସୁଦୂର ଗଂଜାମର ରାଜ୍ୟ ବରିଷ୍ଠ ସାଧନକର୍ମୀ ସରୋଜକାନ୍ତ ରଥ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଆର୍‌ଟିଓ ରବିନ କୁମାର ପଟ୍ଟନାଏକ, ଜିଲ୍ଲା ଜୁନିଅର ରେଡକ୍ରସ ଉପସଭାପତି ଗତିକୃଷ୍ଣ ମିଶ୍ର, ବରଗଡର ଜୁନିଅର ରେଡକ୍ରସ ଅଫିସର ମହେନ୍ଦ୍ର ଆଚାର୍ଯ୍ୟ, ଡିଏସ୍ଏସ୍ ପର୍ଶୁରାମ ମେହେର, ଦୈନିକ ଖବର କାଗଜ ନବଭାରତର ଜିଲ୍ଲା କରସ୍‌ପେଣ୍ଡେଂଟ କିଶନ କୁମାର ଅଗ୍ରୱାଲା ପ୍ରମୁଖ ମତବ୍ୟକ୍ତ କରିଥିଲେ । ରାଜ୍ୟସ୍ତରୀୟ ତଥା ଜିଲ୍ଲାସ୍ତରୀୟ ସାଧନକର୍ମୀମାନେ ଜିଲ୍ଲାର ବିଭିନ୍ନ ସ୍କୁଲରୁ ଆସିଥିବା ୩୦ଜଣ ପରାମର୍ଶଦାତାମାନଙ୍କୁ ରେଡକ୍ରସର ଇତିହାସ, ସପ୍ତନୀତି, ଉଦ୍ଦେଶ୍ୟ, ମୋଟ୍‌ଟୋ, ପ୍ରାଥମିକ ଚିକିତ୍ସା, ସ୍କୁଲ ସେଫ୍‌ଟି, ବିପର୍ଯ୍ୟ ପରିଚାଳନା, ସଡକ ସୁରକ୍ଷା, ଗୁଡସମରିଟାନ, ସୋଲାସିଅମ ଫଣ୍ଡ, ଶିଶୁ ସୁରକ୍ଷା, ବିଦ୍ୟାଳୟରେ ଜୁନିଅର ରେଡକ୍ରସର ମିନିମମ୍ କାର୍ଯ୍ୟକ୍ରମ, ରେକର୍ଡ କିପିଙ୍ଗ, ଡକୁମେନ୍‌ଟେସନ୍ ଭଳି ବିଭିନ୍ନ ପ୍ରସଙ୍ଗରେ ତାଲିମ ଦେଇଥିଲେ । ଶିବିରରେ ପ୍ରତ୍ୟହ ସକାଳେ ପ୍ରାର୍ଥନାସଭା, ଜର୍କ, ସଂନ୍ଧ୍ୟାରେ ସୋସିଆଲ ଗେମସ୍, ପତାକା ଉତ୍ତୋଳନ ଓ ଅବତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାଥମିକ ଚିକିତ୍ସା ଅଧ୍ୟାପକ ରବିଚନ୍ଦ୍ର ପଶାୟତ, ବରିଷ୍ଠ ସାଧନକର୍ମୀ ଝସକେତନ ମେହେର, ଅନୁପ୍ରୀୟା ମିଶ୍ର, ଚନ୍ଦ୍ରମଣି ବାଘ, ହୃଷିକେଷ ଡାଙ୍ଗ, ଚନ୍ଦ୍ର ଶେଖର ମହାପାତ୍ର, ଶେଷଦେବ ଛତ୍ର, ଆଶିଷ ନାଏକ, ଗୋପେଶ ପଣ୍ଡା, ତପସ୍ୱିନୀ ଦାଶ, ସଦାନନ୍ଦ ନାଏକ, ସସ୍ମିତା ସାହୁ, ଅନନ୍ତରାମ ପାଢୀ ପ୍ରମୁଖ ଶିବିରାର୍ଥୀଙ୍କୁ ତାଲିମ ଦେଇଥିଲେ । ସଭା କାର୍ଯ୍ୟକ୍ରମକୁ ଚନ୍ଦ୍ରମଣି ବାଘ ସଂଯୋଜନା କରିଥିଲେ ।

ଅତିଥି ବୃନ୍ଦ ପରାମର୍ଶଦାତା ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ରାଜ୍ୟ ଜୁନିଅର ରେଡକ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ ଶିବିରକୁ ପରିଦର୍ଶନ କରି ପ୍ରତ୍ୟେକ ସ୍କୁଲରେ ଜୁନିଅର ରେଡକ୍ରସ କାର୍ଯ୍ୟକ୍ରମକୁ ଯୁଗପୋଯୋଗୀ କରିବା ସହିତ କମ୍ୟୁନିଟିର ସେବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱୀତ କରିବାକୁ ଶିବିରାର୍ଥୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଡୋଲାମଣି ପଧାନ, କୁଂଜବିହାରୀ ସାହୁ, ରଂଜୟ ଧରୁଆ, ସୁଦାମ ମାଝି, ତପେଶ୍ୱର ସାହୁ, ରୋହିତ କୁମାର ପଟେଲ, ଗଜିନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ବିଦ୍ୟାଳୟ ପରାମର୍ଶଦାତା ଶେଷଦେବ ଛତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜାମ ମହାବିଦ୍ୟାଳୟର ରସାୟନ ବିଭାଗର ପାଠଚକ୍ର

ଗଞ୍ଜାମ, (ନିପ୍ର) : ଗଞ୍ଜାମ ମହାବିଦ୍ୟାଳୟର ରସାୟନ ବିଭାଗର ଏକ ପାଠଚକ୍ର ଅଡିଟୋରିୟମ ହଲ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ଼ଃ.ପ୍ରବୀଣ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧାପକ ଡଃ.ସନ୍ତୋଷ କୁମାର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ମଲିକୁଲାର ସ୍ପେକ୍ଟ୍ରୋସ୍କପି' ବିଷୟରେ ଆଲୋକପାତ କରିଥିଲେ । ପ୍ରାଧାପକ ପୁରୁଷୋତ୍ତମ ସାହୁ, ଡଃ.ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ । ବିଭାଗୀୟ ମୁଖ୍ୟ ପ୍ରାଧାପିକା ଡଃ.ସ୍ୱର୍ଣ୍ଣମୟୀ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷ ବର୍ଷର ଛାତ୍ରୀ ସୁଭଦ୍ରା ପ୍ରିୟଦର୍ଶିନୀ ଓ ଦ୍ୱିତୀୟ ବର୍ଷର ଛାତ୍ର ସ୍ୱାଧୀନ ଡାକୁଆ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

# 'ଅଂଘେ ଉଁକିଆ' କବିତା ବହି : କୋଶଲୀ କବିତା ଜଗତ୍ ଥି ଗୁଟେ ଛନ୍‌ଛନିଆଁ ସକାଲ୍

**ରାମପ୍ରସାଦ ପୁରୋହିତ**

କବି ଆନଂଦ ଚଂଦ୍ର ସାହୁଙ୍କର୍ 'ଅଂଘେ ଉଁକିଆ' କବିତା ବହି ପଢ଼୍‌ଲା ଉତ୍‌ରୁ ମୋର୍ ହୁରୁଦ୍ କେ ଯେନ୍ ଭାବ୍‌ନା ମାନେ ଉଭ୍‌ରି ଆଏଲେ, ସେ ସବୁ ନେଇଁ କହି କରି ରହି ନେଇଁ ପାର୍‌ଲିଁ । ହେଥିର୍ ଲାଗି ଲେଖୁଛେଁ ।

'ଅଂଘେ ଉଁକିଆ' ବହିକେ ପଢ଼୍‌ଲା ପରେ ମତେ ଲାଗ୍‌ଲା, କୋଶଲୀ ଭାଷା ଥି ଏନ୍‌ତା କବିତା ପେଁଡ଼େ ମୁଇଁ କେଭେ ଆର୍ କେନ୍‌ସି ଠାନେ ନାଇଁ ପଢ଼ିଥାଇଁ । ଏନ୍‌ତା କବିତା ମତେ ଏକ୍‌ବାର୍ ନୂଆଁ ନୂଆଁ ଲାଗ୍‌ଲା । ସବୁ କବିତାର୍ ଆକାର୍ ସିନେ ସାନ୍ ଆର୍ ଶବଦ୍ ମାନେ ବି କମ୍, ହେଲେ ଭାବ୍‌ଟା ଉଁଚା ପାହାଡ଼୍ ଗୁଟେ ଗୁଟେ । ଇ' କବିତାର୍ ପାହାଡ଼୍‌କେ ଚଘ୍‌ବାର୍ କେ ଆର୍ ଆର୍ ମନ୍ ହଉଛେ । କେନ୍‌ସି ଠାନେ ବି ଅଥା ନାଇଁ ଲାଗ୍‌ବାର୍ । ଏକେସ୍‌କଁଟେ ସବୁ ପାହାଡ଼୍‌କେ ଚଢ଼ିଗଲିଁ । କାଁଯେ, ଚଢ଼୍‌ଲା ବେଲ୍‌କେ ଶୋଷ୍ ଲାଗ୍‌ଲେ କି ଭୋକ୍ ଲାଗ୍‌ଲେ ଇ' କବିତାମାନ୍‌କର୍ ନୁଁ ପାଏନ୍ ଆର୍ ସୁଆଦିଆ ଖାନା ପାଇ ଯାଉଥିଲିଁ । ବହିଟାକେ ଶେଷ୍ କଲା ଉତାରେ ମୋର୍ ମନେ ହେଲା ଇ' କୋଶ୍‌ଲୀ ଭାଷା ଥି ଉପେନ୍ଦ୍ର ଭଂଜ ଗୁଟେ କେନେ ଆଏଜ୍ ତକ୍ ଲୁକିଥିଲେ । କାଁଏଁଯେ କି, କବି ଆନଂଦ କବିତା ଥି ଯେନ୍ ଉପମା, ଉତ୍‌ପ୍ରେକ୍ଷା ଅଲଙ୍କାର ମାନେ ଦେଇଛନ୍, ମୋର୍ ମନ୍‌କେ ଘିନି ନେଲା । ମୁଇଁ ତ' ଖାଲି ପଢୁଥାଏଁ । ସତ୍ କହେଲେ ତିନ୍ ଥର୍ 'ଅଂଘେ ଉଁକିଆ' କବିତା ବହି କେ ପଢ଼୍‌ଲା ଉତାରେ ମୋର୍ ମନର୍ ଭାବ୍‌ନାଟାକେ ସମ୍‌କୁ କହୁଛେଁ । ସାଧାସିଧା ପାଠକ୍‌ଟେ ମୋର୍ କଥା ବୁଝି ପାର୍‌ବା ବଲି କେତେଟା ଅଲଙ୍କାର୍‌ର ଉଦାହରଣ୍ ଇନେ ଦଉଛେଁ ।

- 'ବଡ଼ା ଲବାର୍ ଇ' ଧୁକା, ଗହନାଦିଆ କଲ୍‌ଜା ହଁଡ଼ା ମୋର୍ ଟାମ୍‌ଡ଼ି ଦଉଛେ' ।
- 'ତମର୍ ଆଁଖିର୍ ଉଛ୍‌ନା ତଲେ ଲୁଦ୍‌ରେ ଅନ୍ଧାର୍ ହେଇ' ।
- 'ଗୁଲାମୁଲା ଗୁଟେ ନୁକୋ ରାଏତ୍' ।
- 'ପହଁରଉଥିସି ଆମ୍‌କେ ଜୀବନର୍ ଦର୍‌ହୋ ଭିତ୍‌ରେ' ।
- 'ଆର୍ ଟିକେ ପାଖ୍‌କେ ଆସ' ହୋ, ଇ' ଗିଲ୍‌ଗିଲା ଅନ୍ଧାର୍ ନିକେ' ।
- 'ଇଘଡ଼ି ସାଆଁଟି ନିଅ, ତମର୍ ବାଁକି ଟାଁକି ବାଏବିଛୋ ବଏସ୍' ।
- 'ଖୋବ୍ ଗେଲ୍‌ହେ ଆ' ଆ' ଡାକୁଛେ, ବଡ଼ା ଲବାର୍ ଇ' ମରନ୍' ।
- 'ଲେସ୍‌ଡ଼େଇ ଗଲା ମନ୍‌କେ' ।
- 'ଅଛ୍‌ରା ଅଛ୍‌ରା ବର୍‌ଷା ଥି ଭିଜେଇ ଦେବୁ ମତେ' ।
- 'ଗୁଟେ ଛନ୍‌ଛନିଆଁ ସକାଲ୍ କାଁଣା, ନାଚୁଥିବା ଗୁଦ୍‌ଲୁ ଗାଦ୍‌ଲୁ ଛୁଆଟେ ହେଇ' ।
- 'ଘମ୍‌ଡ଼ିଆ ଜନକ୍ ରାଏତ୍ କେ' ।
- 'ଫୁଲ୍‌ମାନେ ବି ଖୋବ୍ କହଁରୁଥିଲେ, ସମିଆଁଟା ବି ବନ୍‌ଝା ନେଇଁ ଥାଇ' ।
- 'ମନ୍ ଥି ଶହେ ଷଁଡ଼ର୍ ବପୁ ବାନ୍ଧି, ଛାତି ଥି ଲୁହାର୍ କଲ୍‌ଜା ପିନ୍ଧି' ।
- 'ତମର୍ ସପନ୍ ଆଁଟେ ପୁଆଲର୍ ପୁତ୍‌ଲି ଟେ ହେଇ' ।

ଇଟା ତ' ଗଲା ଅଲଙ୍କାର । ଆର୍ ଯେନ୍‌ଟା ମୋର୍ ମନ୍‌କେ ଛୁଇଁଛେ, ସେଟା ହେଲା ବହିର୍ ଖୋବ୍ ସୁରୁତ୍ ଭାଷା । ଯେନ୍ ଶବଦ୍‌ମାନେ ଦୁଇ ଦୁଇ ଥର୍ ବେଭାର୍ ହେଇଛନ୍, ଇ' ଦୁଇ ଥରିଆ ବେଭାର୍‌ଟା ଭାଷାକେ ସୁନ୍ଦରୀ କରାସି ଆର୍ କବିତାକେ ଉଜାଗର୍ କରିଦେସି । ଇ ବହି ଥି ବେଭାର୍ ହେଇଥିବାର ସେନ୍‌ତା କେତେଟା ଶବଦ୍ ନାଇଁ ଦେଲେ ପାଠକ୍ ବୁଝି ନାଇଁ ପାରନ୍ । କୋଶଲୀ ଭାଷାକେ କବିତା ଭିତ୍‌ରେ ଏନ୍‌ତା ଦୁଇ ଦୁଇ ଥର୍ ବେଭାର୍ ହେବାର୍‌ଟା ଆମର୍ ଭାଷାର୍ ଗୁଟେ ବିଶେଷ ଗୁଣ୍ ଆଏ । 'ଅଂଘେ ଉଁକିଆ' କବିତା ବହି ଥି ସେ ସବୁ ଶବଦ୍ ମାନ୍‌କୁ ବାଛି ବାଛି କରି ଠିକ୍ ଠିକ୍ ଜାଗାନେ ଥୁଆ ହେଇଛେ । ଯେନତା କି, ହୁର୍‌ହୁରିଆ ଧୁକା, ଅଁଠେଇ ଅଁଠେଇ ଗିଲି ଦେଲାନ', ମନ୍ ମଏଦାନ୍ କେ ଫଦୋ ଫଦୋ ଡେଗି ଦେସି, ବଙ୍ଗା ବଙ୍ଗା ହେଇ ଫାଟି ଯଉଥିବାର୍ ମାଏଟ୍ ଥି, ଖଲ୍‌ଖଲ୍ ବୁହୁଥିମି ହମେସା, ଉତ୍‌କି ଉତ୍‌କି ଡିବ୍‌ଡିବି ପିଟି ଜନେଇ ଦେବା, ହୁଦା ହୁଦା ଚେରେ ଚିର୍‌ଗୁନ୍, ଡେଗି ଡେଗି ମୁଇଁ ଫେର୍ ଫିରି ଆଏସିଁ, ଖିଲ୍ ଖିଲଉଛେ, କାଏଲୋ ବାଏଲୋ, ଢକୋ ଢକୋ ଟଁଟି ବୁଡ଼୍‌ତେଲ୍ ପି'ବାର୍ ଲାଗି, ଲୁହୁର୍ ଟୁପୁର୍ ହଉଥିବେ, ଟପୋ ଟପୋ ବେଟି ନଉଛେ, ଗିଲ୍‌ଗିଲା ମହନୀ, ରେତି ରେତି ମାଜିଛେଁ, ଅଛ୍‌ରା ଅଛ୍‌ରା ବରଷା ଥି, ଛନ୍‌ଛନିଆଁ ସକାଲ୍, ଗୁଦ୍‌ଲୁ ଗାଦ୍‌ଲୁ ଛୁଆ, ଡେନା ମଲ୍ ମଲ୍, ମତେ ଲୁହୁର୍ ଟୁପୁର୍ ଲାଗି ଯାଏସି..... ।

ଇତାର୍ ବାହାରେ କବିର୍ ଜୀବନ୍ ଦର୍ଶନ୍ କେ ଆର୍ କବିର୍ ଜୀବନ୍ କେ ପାଠକ୍ ଠିକ୍ ବୁଝି ପାର୍‌ବା ଇ କବିତା ବହି 'ଅଂଘେ ଉଁକିଆ'ର କବିତା ନୁ । ବିଶେଷ କରି ପହେଲା କବିତାଟା କହେସି କବିର୍ ଜୀବନ୍ କାଁଣା–

ସରଗ୍ ମିଛ୍ ହେଇପାରେ<br>
ନରକ୍ ବି<br>
ଅବ୍‌ଗା ସତ୍ ବଏଲେ<br>
ଇ' ମାଏଟ୍ ନ ।

କବି କାଏଁଯେ କବିତା ଲେଖ୍‌ସନ୍, ତାର୍ ବି ଉତ୍ତର ଅଛେ ଇ' କବିତା ବହି ଥି । କାଁଣା ଆଏ ଇ' ଦୁଖ୍‌ସୁଖ୍‌ର ସଁସାରଟା ? ଅବ୍‌ଗା ସତ୍ କଥାଟେ କହିଛେ ଇ' କବିତା–

ମନ୍ଦିର୍, ମସ୍‌ଜିଦ୍, ଗୀରଜା<br>
ସବୁଠାନେ ଗୁଟେ କଥା<br>
କେହେନ୍‌ସି ବି ମାହାପୁରୁ<br>
କାହାକେ କିଛି ନେଇଁ ଦିଏ<br>
କି କାହାର୍ ନୁଁ କିଛି ନେଇଁ ନିଏ<br>
ସଭେ ଭୋଗୁଥିସନ୍<br>
ଯେ' ଯାହାର୍ ଅର୍‌ଜିଲାଟା ।

ଜୀବନର୍ ମହାନ୍ ସତ୍ କଥା ଇ' କବିତା କହିଛେ । ଇ କବିତା ହିଁ ମୁନୁଷର୍ ଜୀବନ୍ ଦର୍ଶନ୍ । 'କାଏଁ ବେଡ଼ା ହେଇଛେ' ବି ସେନ୍‌ତା ଗୁଟେ କବିତା । ସେ ବାର୍‌ତା ଦେଇଛେ । ଆର୍‌ଗୁଟେ କବିତା ବି ସେ କଥା କହୁଛେ । କବି ତାର୍ ମାଏଟ୍ କେ କେତେ ଭଲ୍ ପାଏସି, ତାର୍ ଆଘେ ସରଗ୍ ବି କିଛି ନେଇଁସେ । ପାଁଚ୍‌ଟା ଧାଡ଼ି ଥି କେଡ଼େ ସୁନ୍ଦର ଭାବେ କବି ନିଜର୍ ଜୀବନ୍ ଦର୍ଶନ୍ କେ ଥାବେ ଥୁଇଛନ୍–


ମୁଇଁ ନେଇଁ ଯାଏଁ ହୋ'<br>
ତମେ ଚହଁରେଇ ଚହଁରେଇ<br>
ଜୁରି ଖାଉଥିବାର୍ ସରଗ୍ କେ...<br>
ମତେ ଇ'<br>
ମାଏଟ୍ ଏକା ବନେ ।

ବହିର୍ କେତେଟା କବିତା କବି ଆନଂଦଙ୍କର୍ ଜୀବନ୍ ଦର୍ଶନ୍ କେ ଇନ୍‌ତା ଭାବେ ଉଜାଗର୍ କରି ଦେଇଛେ ଯେ, ମୋର୍ ମନ୍‌କେ ବତ୍‌ରେଇ ଦେଲା ।

ତମର୍ କେତେଟା ଶବଦର୍ ଅଦ୍‌ଭୂତ୍ ବେଭାର୍ ପାଠକର୍ ମନ୍‌କେ ଘିନି ନେବା । 'ପଖ୍‌ଲେଇ ହେଇଯିମି' ସେନ୍‌ତା କବିତାଟେ । 'ଏଛିନ୍ ସକାଲ୍ ଥି ପଖ୍‌ଲେଇ ହେଇଯିମି' । ପଖ୍‌ଲାବାର୍ କଥା କେ ଯେନ୍‌ତା ଢଙ୍ଗେ ବେଭାର୍ କରାଯାଇଛେ, ମତେ ଖୋବ୍ ଅଏନ୍ ଲାଗ୍‌ଲା । ମତେ ଲାଗ୍‌ଲା, ଇ କବିତା ବହିର୍ କବି 'କୋଶଲୀ ଶବଦର୍ ଗୁଟେ ଯାଦୁଗର୍ ଆନ୍' । କୋଶ୍‌ଲୀ ଭାଷାର ଇ' ଶବଦ୍‌ମାନେ କେନ୍‌ତା କରି କବିର୍ ମନ୍‌କେ ଢୁକିଛନ୍ ଆର୍ ବାହାରି ପଡ଼ିଛନ୍ ଆର୍ ସୁରୁତ୍ ହେଇ, ଯେ ପଢ଼୍‌ବା କୋଶଲୀ ଶବଦର୍ କୁଶେର୍ ଲେଖେନ୍ ରସେ ରସେଇ ହେଇଯିବା । କବି କେ ଏନ୍‌ତା ଶବଦ୍ ବେଭାର୍ ଲାଗି ଧଏନ୍‌ବାଦ୍ ଦଉଛେଁ । ରୋକ୍‌ଠୋକ୍ କବିତା ଥି କେଡ଼େ ଗହନ୍ କଥାମାନେ କୁହା ହେଇଛେ, ପଢ଼ିକରି ମୋର୍ ମନ୍‌ଟା ନଏଦ୍ ଲେଖେନ୍ ଉଛ୍‌ଲି ପଡୁଛେ । ବହୁତ୍ କୋଶଲୀ କବିତା ପଢ଼ିଛେଁ । ହେଲେ ମନ୍‌କେ ତନ୍‌କେ ଭେଦିଯିବାର୍ କୋଶଲୀ ଭାଷାର୍ କବିତା ଆଏଜ୍ ପଢ଼୍‌ଲିଁ । 'ଯେ ଶାସନ୍ କଲେ ବି' କବିତା ଟା ମୋର୍ ମନ୍‌କେ ସବୁଠାନୁ ଯହ ଛୁଇଁଛେ ।


ଯେ ଶାସନ୍ କଲେ ବି<br>
ଦ୍ରୌପଦୀର୍ ଦୁଖ୍ କେନେ କେଭେ<br>
ଊନା ହେଇଛେ ଯେ ହେବା ।

ଏକ୍‌ବାରେ ସବୁଦିନିଆ ସତ୍ କଥାଟେ ଉଭ୍‌ରେଇ ଦିଆ ହେଇଛେ କବିତା ଥି । କବିଙ୍କର୍ କୋଶଲୀ ଶବଦ୍ ଭିତ୍‌ରେ କେତେଟା ଶବଦ୍ ମତେ ଖୋବ୍ ଅଏନ୍ ଲାଗ୍‌ଲା– 'ବୁଚ୍‌ଡ଼ି ଆଏବା', 'ପଖ୍‌ଲେଇ ହେଇଯିବାର', 'ଗିଲି ଦେଲାନ', 'ଛାତିର୍ କର୍‌ପନେ', 'ଖିଡ଼୍‌ଖିଡ଼େଇ ନଉଛେ', 'ଅର୍‌ଜିଲାଟା', 'ବେଡ଼ା', 'ନିଘା', 'ଖୁଷା ଥି ଖୁଚ୍‌ବ', 'ଟାମ୍‌ଡୁଥିସି', 'ସାଆଁଟି ନିଅ', 'ଜୁଏ ଝୁଲା', 'ଗୁର୍‌ଦୁ ବାଟ୍', 'ଥାବେ ସୁଆଁଲୁଥିବୁ', 'ମୁଲ୍ କରି ହଁସି ଦେ', 'ବଗ୍‌ବଗା ତରା ଦୁରା'.... ଏନ୍‌ତା ଲେଖି ବସ୍‌ଲେ କେତେନି କେତେ ହେବା । ଯାହା ବି କହ, 'ଅଂଘେ ଉଁକିଆ' ପଢ଼୍‌ବାର ଲେଖେନ୍ କବିତା ବହିଟେ ହେଇଛେ । ମୋର୍ ମନ୍‌କେ ଯାହା ଯାହା ଆସ୍‌ଲା, ମତେ ଯେନ୍‌ତା ଲାଗ୍‌ଲା, କହିଦେଲିଁ । କାହାକେ କେନ୍‌ତା ଲାଗ୍‌ବା ମୁଇଁ ନେଇଁଜାନି । କବି ଦୀର୍ଘାୟୁ ହଉନ୍ ଆର୍ ଏନ୍‌ତା ମନ୍‌ଛୁଆଁ କୋଶଲୀ କବିତା ଲେଖୁଥାଉନ୍ ହମେସା, ଇଟା ଭଗବାନଙ୍କର୍ ଠାନେ ପ୍ରାର୍ଥନା କରୁଛେଁ । ଆର୍ ଗୁଟେ କଥା, କବିଙ୍କର 'ଇଟାଭାଟିର୍ ସଖାଲ୍', 'ଭୋକ୍', 'ତାର୍ ଆସ୍‌ବାର୍ କାହାକେ ଜନା', 'ଲମେଇଛେଁ ପାହା' ଆର୍ ଯେତେ କବିତା ବହି ଅଛେ, ସେଟା ବି ପଢ଼୍‌ବାର୍ କେ ମନ୍ ଲହଁପି ଯଉଛେ । (ସଂଗୃହୀତ)




## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ.
୯୪୩୭୦୩୯୦୯୬



### କ୍ରୋଧ ଚାଣ୍ଡାଳ, ତେଣୁ ତମେ ମୋ ସ୍ୱାମୀ

ଯାହାର ନିଜ ଆବେଶ ଓ ଆବେଗ ଉପରେ ନିୟନ୍ତ୍ରଣ ନାହିଁ ସେ ଜୀବନରେ କେବେ ସଫଳ ହୁଏନାହିଁ । କଥା କଥାରେ ରାଗୁଥିବା ଲୋକ କାହାରି ପ୍ରିୟପାତ୍ର ହୋଇପାରେ ନାହିଁ । ବରଂ ଥରେ ଥରେ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥାଏ ।

ବେଦଜ୍ଞ ବ୍ରାହ୍ମଣ ଜଣକ ସ୍ନାନ କରି ବଡ଼ି ଭୋର୍‌ରୁ ନଦୀରୁ ଫେରୁଥାନ୍ତି । ସାମ୍‌ନାରୁ ଜଣେ ମେହେନ୍ତର ଜାତିର ମହିଳା ଆସୁଥାଏ । ପଣ୍ଡିତଙ୍କୁ ଦେଖି ସେ ଅନେକ ଦୂରକୁ ହଟିଗଲା । କିନ୍ତୁ ବ୍ରାହ୍ମଣ ପ୍ରାତଃବେଳାରେ ତାକୁ ପ୍ରଥମେ ଦେଖି ରାଗରେ ନିଆଁ ହେଲେ । ବଡ଼ ପାଟିରେ କହିଲେ –'ଛି ! ତୋ ଛାଇ ମୋ ଉପରେ ପଡ଼ିଗଲା । ମୋତେ ପୁଣି ଗାଧେଇବା ପାଇଁ ନଦୀକୁ ଯିବାକୁ ହେବ ।' ଏପରି ଅନେକ କଟୁ ବଚନ କହିଲେ । ବ୍ରାହ୍ମଣଙ୍କ ଚିତ୍କାର ଶୁଣି ଅନେକ ଲୋକ ସେତେବେଳକୁ ସେଠାରେ ଜମା ହୋଇ ସାରିଲେଣି ।

ନିର୍ଦ୍ଦୋଷ ମହିଳା ଜଣକ ଅସହାୟ ହୋଇ ସବୁ ଶୁଣୁଥାଏ । ଅସହ୍ୟ ହେବାରୁ ବ୍ରାହ୍ମଣଙ୍କୁ ପାନେ ଦେବାକୁ ମନେ ମନେ ଚିନ୍ତା କଲା । କହିଲା – 'ସ୍ୱାମୀ ! ଦାଣ୍ଡରେ କାହିଁକି ତାମ୍‌ସା କରୁଛ ? ମୋର ଯଦି କିଛି ଭୁଲ ଅଛି, ତେବେ ଘରେ ଏକାନ୍ତରେ କହିବ । ଏଠାରେ ଏତେ ଲୋକଙ୍କ ସମ୍ମୁଖରେ ଅପଣା ସ୍ତ୍ରୀକୁ କାହିଁକି ଗାଳି ଦେଉଛ ?'

ଜମା ହୋଇଥିବା ଲୋକେ ବିସ୍ମିତ ହୋଇ ଜଣେ ଅନ୍ୟ ଜଣକୁ ଚାହିଁବାକୁ ଲାଗିଲେ । ବ୍ରାହ୍ମଣ ବଡ଼ ଅସ୍ୱସ୍ତିକର ପରିସ୍ଥିତିର ସମ୍ମୁଖୀନ ହୋଇ ଧୀରେ ଧୀରେ କହିଲେ – 'ମୋ ମାଆ ! ମୋତେ କ୍ଷମା କର । କ'ଣ ସବୁ କହି ଚାଲିଛୁ ?'

ମେହେନ୍ତରାଣୀ ସଙ୍ଗେ ସଙ୍ଗେ ହାତ ଯୋଡ଼ି କହିଲା – 'ବ୍ରାହ୍ମଣ ଦେବତା ! ଆପଣ ଆପଣଙ୍କ ଘରକୁ ଯାଇ ପାରନ୍ତି ।'

ଲୋକଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଘଡ଼ିକେ ଘଡ଼ି ରଙ୍ଗ ବଦଳୁଛି । ଜଣେ ପଚାରିଲା – 'ଭଉଣୀ ! କଥା କ'ଣ ? କେତେବେଳେ ସ୍ୱାମୀ କହୁଛ । କେତେବେଳେ ବ୍ରାହ୍ମଣ ଦେବତା କହୁଛ ! ରହସ୍ୟ ଟିକିଏ ଉନ୍ମୋଚନ କର ।'

ସେ ବଡ଼ ମାର୍ମିକ ଉତ୍ତର ଦେଇ କହିଲା – 'ଦେଖନ୍ତୁ ! ସମାଜ ମୋତେ ଚଣ୍ଡାଳୁଣୀ କହିଥାଏ । କ୍ରୋଧକୁ ଆମ ଶାସ୍ତ୍ରରେ ଚାଣ୍ଡାଳ କୁହାଯାଇଥାଏ । ଯେତେବେଳେ କ୍ରୋଧ କଣ୍ଡିତଙ୍କ ମୁଣ୍ଡରେ ସବାର ହେଲା ସେ ଚାଣ୍ଡାଳ ପାଲଟିଗଲେ । ଏହି ନ୍ୟାୟରେ ସେ ମୋ ସ୍ୱାମୀ, ତେଣୁ ଘରକୁ ଯିବା କଥା କହିଲି । କିନ୍ତୁ ଯେତେବେଳେ ସେ ନିଜ ଭୁଲ ବୁଝି ପାରିଲେ ମୁଁ ସଂଗେ ସଂଗେ ତାଙ୍କୁ ବ୍ରାହ୍ମଣ ଦେବତାର ସମ୍ବୋଧନ କଲି ।'

ଆମ ସଂସ୍କୃତିରେ ଏହି ବର୍ଗକୁ ମହତ୍ତର କୁହାଯାଉଥିଲା । ସମାଜ ଓ ପରିବେଶର ସ୍ୱଚ୍ଛତା ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ଥିଲା । ସମାଜ ସେମାନଙ୍କୁ ଆଦର ଦୃଷ୍ଟିରେ ଦେଖୁଥିଲା । କାଳର ବିବର୍ତ୍ତନରେ ମହତ୍ତରମାନେ ମେହେନ୍ତରରେ ପରିଣତ ହେଲେ ଓ ସମାଜ ସେମାନଙ୍କୁ ଅସ୍ପୃଶ୍ୟ କରି ଘୃଣା ଦୃଷ୍ଟିରେ ଦେଖିବାକୁ ଲାଗିଲା । ତେବେ ଏହି ବିଦୁଷୀ ମହିଳାର ଯୁକ୍ତି ବେଦଜ୍ଞ ବ୍ରାହ୍ମଣଙ୍କ ଆଖି ଖୋଲି ଦେଇଥିଲା । ସେ ସର୍ବସାଧାରଣଙ୍କ ସମ୍ମୁଖରେ ତା'ଠାରେ ପୁଣି ଥରେ କ୍ଷମା ଭିକ୍ଷା କରି ଆପଣା ଘରକୁ ଲେଉଟିଗଲେ ।

## ପ୍ରେମପର୍ବ

**ସୁଜିତ୍ କୁମାର ଶତପଥି**

(୧)<br>
ତମ ପାଖକୁ ଫେରିଯିବା ହିଁ କବିତା<br>
ଆଉ ତମଠୁ ଦୂରେଇ ଯିବା ହିଁ ଶାସ୍ତି<br>
ଜାଣେ ଶାସ୍ତି ନ ଥିଲେ କବିତା ନଥାଏ<br>
ତେବେ କ'ଣ ପାଖେଇ ଗଲେ ବି<br>
ରହେ କି ଦୂରତା ଅପ୍ରମିତ ଶାସ୍ତିର ?

(୨)<br>
ବରଂ ନେଇଯାଅ ସବୁ କିଛି<br>
ବହିଥାକରୁ ପ୍ରିୟ କବିଙ୍କର ବହି<br>
ହ୍ୟାଙ୍ଗରରେ ଟଙ୍ଗା ସାର୍ଟରୁ ବୋତମ୍<br>
ବନ୍ଦ ଝରକାର କୋଣରୁ<br>
ବୁଢ଼ିଆଣୀର ମୋହକୁ<br>
ପ୍ରତି ବଦଳରେ ଆଉଁସି ଦିଅ ଥରେ<br>
ମୋର ଆତ୍ମୀୟତାକୁ ।

(୩)<br>
ଅନେକ ଦିନ ହେଲା ଭେଟିନି ଭୋକକୁ<br>
ତୁ ମରୁଡ଼ି ହେଇ ଯା<br>
ଆଖେ ପାଖେ ମୋର ଘୁରୁଥାଉ ଭୋକ<br>
ନଥିବ ପାପ କି ନଥିବ ଶୋକ...

(୪)<br>
ମୁଁ ଚାହେଁନି ବୋଲି କହିପାରିବ କି କେବେ<br>
ମୁଁ ତୁମକୁ ଏକା ଚାହେଁ<br>
ଆକାଶକୁ ନୁହଁ<br>
ଅଥଚ ବିଡ଼ମ୍ବନା ଦେଖ,<br>
ଆକାଶ ଅହରହ ଚାହିଁ ରହେ ମୋତେ<br>
ତୁମେ ନୁହଁ ।

(୫)<br>
ଚାଲ ଭାଗଭାଗ କରିନେବା ଶୀତକୁ<br>
ଡିସେମ୍ବର ଥାଳିରୁ ଭାତ ପରି<br>
ଏକା ଏକା ଆଉ ରୁଚୁନି ଶୀତ ।।



# ଏସ୍ଏନ୍ ମେଡିକାଲ୍ କଲେଜର ନୂତନ ସର୍ଜରୀ ବିଲଡ଼ିଂରେ ଭୀଷଣ ଅଗ୍ନିକାଣ୍ଡ



ଆଗ୍ରା : ଏସ୍ଏନ୍ ମେଡିକାଲ୍ କଲେଜର ନୂତନ ସର୍ଜରୀ ବିଲଡ଼ିଂରେ ଭୀଷଣ ଅଗ୍ନିକାଣ୍ଡ ଘଟିଥିବା ଖବର ଆସିଛି । ନିଆଁ ଓ ଧୂଆଁ ଦେଖି ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ଏବଂ ସେମାନଂକ ସେବକମାନଙ୍କ ମଧ୍ୟରେ ପ୍ରବଳ ଆଶଂକା ଦେଖାଦେଇଥିଲା । ତରବରିଆ ଭାବେ, ସେବକମାନେ ସେମାନଙ୍କର ରୋଗୀଙ୍କୁ କୋଳରେ ନେଇ ୱାର୍ଡରୁ ଦୌଡ଼ି ପଳାଇବାକୁ ଲାଗିଥିଲେ । ଅନ୍ୟପକ୍ଷରେ ଏସ୍ଏନ୍ ମେଡିକାଲ କଲେଜରେ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇ ଅଗ୍ନିଶମ ବିଭାଗର ଅନେକ ଗାଡି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା ।

ଏହି ଘଟଣା ଆଗ୍ରା ଜିଲ୍ଲାରେ ଅବସ୍ଥିତ ସରୋଜିନୀ ନାଇଡୁ ମେଡିକାଲ କଲେଜର ନୂତନ ଅସ୍ତ୍ରୋପଚାର ଭବନରୁ ଆସିଛି । ଅସ୍ତ୍ରୋପଚାର ବିଲଡିଂର ଆଠ ମହଲା କୋଠରୀରୁ ଧୂଆଁ ବାହାରୁଥିବାର ଦେଖି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ସେବକମାନଙ୍କ ହୋସ୍ ଉଡ଼ି ଯାଇଥିଲା । ତୁରଂତ ସେବକ ଓ କର୍ମଚାରୀମାନେ ରୋଗୀମାନଙ୍କୁ ବାହାର କରିବା ଆରମ୍ଭ କରିଥିଲେ ।

କିଂତୁ ଆବଶ୍ୟକ ପରିମାଣର ଷ୍ଟ୍ରେଚର ମିଳିନଥିବା ଯୋଗୁଁ ନିଜ ନିଜ ରୋଗୀଙ୍କୁ କୋଳରେ ଉଠାଇ ବିଲଡିଂ ବାହାରକୁ ସେବକମାନେ ବୋହି ଆଣୁଥିବା ଦେଖିବାକୁ ମିଳିଛି ।

# କର୍ଣ୍ଣାଟକ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ, ହିଜାବ ଧର୍ମର ଏକ ବାଧତାମୂଳକ ଅଂଶ ନୁହେଁ



ବାଙ୍ଗାଲୁରୁ : ଶିକ୍ଷାନୁଷ୍ଠାନରେ ହିଜାବ ଉପରେ ପ୍ରତିବନ୍ଧକ ଲଗାଇଥିବା ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଦେଇଛନ୍ତି । ହିଜାବ ଧର୍ମର ଏକ ବାଧ୍ୟତାମୂଳକ ଅଂଶ ନୁହେଁ ବୋଲି କୋର୍ଟ ଏହି ଆବେଦନକୁ ଖାରଜ କରିଛନ୍ତି । କୋର୍ଟ କର୍ଣ୍ଣାଟକ ସରକାରଙ୍କ ଆଦେଶକୁ ସାମ୍ବିଧାନିକ ବୋଲି କହିଛନ୍ତି ।

କର୍ଣ୍ଣାଟକ ହାଇକୋର୍ଟ ହିଜାବ ବିବାଦରେ ନିଜର ରାୟ ପ୍ରଦାନ କରୁଥିବା ବେଳେ କହିଛନ୍ତି ଯେ, ସ୍କୁଲ ୟୁନିଫର୍ମର ପ୍ରେସକ୍ରିପସନ୍ ଏକ ଯୁକ୍ତିଯୁକ୍ତ ପ୍ରାବଧାନ, ଯେଉଁଥିରେ ଜଣେ ଛାତ୍ର ଆପତ୍ତି କରିପାରିବେ ନାହିଁ । ଏହା ସହିତ କୋର୍ଟ ମଧ୍ୟ କହିଛନ୍ତି ଯେ, ଫେବୃଆରୀ ୫ରେ ରାଜ୍ୟ ସରକାରଙ୍କ ଆଦେଶକୁ ଅବୈଧ କରିବା ପାଇଁ କୌଣସି ମାମଲା ରୁଜୁ କରାଯାଇନାହିଁ ।

କୋର୍ଟ କହିଛନ୍ତି ଯେ, ଆମର ମତ ହେଉଛି ଯେ, ମୁସଲମାନ ମହିଳାମାନଙ୍କ ହିଜାବ ପିନ୍ଧିବା ଇସଲାମ ଧର୍ମରେ ବାଧ୍ୟତାମୂଳକ ଧାର୍ମିକତାର ଏକ ଅଂଶ ନୁହେଁ । ଏଠାରେ ସୂଚନାଯୋଗ୍ୟ ଯେ, କର୍ଣ୍ଣାଟକରେ ହଜାବ୍ ବିବାଦ ସାରା ଦେଶରେ ଚହଳ ସୃଷ୍ଟି କରିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି ମାନ୍ୟବର ହାଇକୋର୍ଟ ।


# ରାଜସ୍ଥାନର ଜଣେ ମହିଳା...... ଯିଏ କୁଆଁରୀ ବୋଲି ପରିଚୟ ଦେଇ ବିବାହ କରନ୍ତି, ତା'ପରେ ସ୍ୱାମୀଙ୍କୁ ଲୁଟନ୍ତି



ବାଡ଼ମେର୍ : ରାଜସ୍ଥାନର ବାଡ଼ମେର୍ ଜିଲ୍ଲାର ଚୌହଟନ ପୋଲିସ ଷ୍ଟେସନ ଅଞ୍ଚଳରେ ଜଣେ ଲୁଟେରା ଦୁଲ୍ହନ୍ ଧରାପଡିଛି । ସେ ଅବିବାହିତ ବୋଲି ଦର୍ଶାଇ ବିବାହ କରନ୍ତି ଏବଂ ପରେ ସ୍ୱାମୀଙ୍କ ଠାରୁ ଟଙ୍କା ଏବଂ ଅଳଙ୍କାର ଲୁଟି ପଳାୟନ କରନ୍ତି । ବ୍ଲାକମେଲିଂ କରିବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହିଁ ।

ଗଣମାଧ୍ୟମ ସହ ଏକ ବାର୍ତ୍ତାଳାପରେ ବାଡ଼ମେର୍ ଚୌହଟନ ପୋଲିସ ଅଧିକାରୀ ଭୁଟାରାମ ବିଶୋଇ କହିଛନ୍ତି ଯେ, ୨୭ ଅଗଷ୍ଟ ୨୦୨୧ରେ ରାମରାମ ଜାଟ୍ର ବାସିନ୍ଦା ମାପୁରୀ ଅଭିଯୋଗ ଆଣି ସେ ଜଣେ ଟ୍ୟାଙ୍କର୍ ଡ୍ରାଇଭର ବୋଲି କହିଥିଲେ । ଏକ ବର୍ଷ ପୂର୍ବେ, ସେ ଜିୟୋ ନାମକ ଜଣେ ମହିଳାଙ୍କୁ ଭେଟିଥିଲେ । ସେ ନିଜକୁ କୁଆଁରୀ ବୋଲି ପରିଚୟ ଦେଇଥିଲେ । ବନ୍ଧୁତା ପରେ ଉଭୟ ବିବାହ କରିଥିଲେ । ବିବାହ ପରେ ଦୁହେଁ ଚୌହଟନରେ ଏକାଠି ରହିବାକୁ ଲାଗିଲେ । ଏହି ସମୟରେ ଜିୟୋ ମାପୁରୀଙ୍କୁ ଦୁଇ ଲକ୍ଷ ଟଙ୍କା ମାଗିଥିଲେ । ୧୮ ଏବଂ ୧୯ ଫେବୃଆରୀ ୨୦୨୧ରେ ଜିୟୋଙ୍କ ଆକାଉଣ୍ଟରେ ମାପୁରୀ ଦୁଇ ଲକ୍ଷ ଟଙ୍କା ଜମା କରିଥିଲେ । ଏହା ପରେ ଦିନେ ଯେତେବେଳେ ମାପୁରୀ ଚୌହଟନରେ ଥିବା ତାଙ୍କ ଘରର କୋଠରୀକୁ ଗଲେ, ଜିୟୋ ଦେବୀ ଏବଂ ତାଙ୍କ ସହ ଥିବା ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ବନ୍ଧକ ରଖିଥିଲେ ଓ ପରେ ମାଡ ମାରି ତାଙ୍କୁ ଘରୁ ବାହାରକୁ ଫିଙ୍ଗି ଦେଇଥିଲେ । ସବୁଠାରୁ ବଡ଼ କଥା ହେଲା ଜିୟୋ ଦେବୀଙ୍କ ନାମରେ ଆଖପାଖ ଥାନାରେ ଏଭଳି ଆହୁରି ଅନେକ ଅଭିଯୋଗ ରହିଛି, ଯେଉଁଠାରେ ଜିୟୋ ଦେବୀ ନିଜକୁ କୁଆଁରୀ କହି ବାହା ହୋଇଛନ୍ତି ଏବଂ ସ୍ୱାମୀମାନଙ୍କୁ ଲୁଟିଛନ୍ତି ।

# ଗାନ୍ଧୀ ପରିବାରକୁ ନେତୃତ୍ୱରୁ ହଟାଇ ଅନ୍ୟ କାହାକୁ ସୁଯୋଗ ଦିଆଯିବା ଉଚିତ୍ : କପିଲ ସିବଲ୍



ନୂଆଦିଲ୍ଲୀ : କଂଗ୍ରେସ ୱାର୍କିଂ କମିଟି ବୈଠକର କିଛି ଦିନ ପରେ ଦଳର ବରିଷ୍ଠ ନେତା କପିଲ ସିବଲ ମଙ୍ଗଳବାର ଦିନ ଦାବୀ କରିଛନ୍ତି ଯେ, ଗାନ୍ଧୀ ପରିବାର ବ୍ୟତୀତ ଅନ୍ୟ କାହାକୁ ନେତୃତ୍ୱ ନେବାର ସୁଯୋଗ ଦିଆଯାଉ । ୨୦୧୪ ନିର୍ବାଚନ ପରାଜୟ ପରଠାରୁ କଂଗ୍ରେସ କ୍ରମାଗତ ଭାବେ ନିର୍ବାଚନରେ ହାରୁଛି । ସେ କହିଛନ୍ତି, "ସିଡ଼ବ୍ଲୁସି ଦଳର ନେତୃତ୍ୱ ଉପରେ ବିଶ୍ୱାସ ପ୍ରକାଶ କରିଛି, କିନ୍ତୁ ସିଡ଼ବ୍ଲୁସି ବାହାରେ ଥିବା ଲୋକମାନେ ଅନୁଭବ କରୁଛନ୍ତି ଯେ, ନୂତନ ନେତାଙ୍କୁ ନେତୃତ୍ୱ ଦିଆଯାଉ । ଅନ୍ୟ କାହାକୁ ଦଳର ନେତୃତ୍ୱ ନେବାକୁ ସୁଯୋଗ ଦିଆଯିବା ଉଚିତ ।" ଦଳ ମଧ୍ୟରେ ସଂସ୍କାର ଆଣିବାକୁ ସୋନିଆ ଗାନ୍ଧୀଙ୍କୁ ଲେଖିଥିବା ଚିଠିରେ ଦସ୍ତଖତ କରିଥିବା ନେତାଙ୍କ ମଧ୍ୟରୁ ସିବଲ ଅନ୍ୟତମ । କିନ୍ତୁ ସୂତ୍ରରୁ ପ୍ରକାଶ ଯେ, ରବିବାର ଦିନ ସିଡ଼ବ୍ଲୁସି ବୈଠକରେ ଗୁଲାମ ନବୀ ଆଜାଦ ଏବଂ ଆନନ୍ଦ ଶର୍ମା ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗ ଉଠାଇ ନାହାଁନ୍ତି । ରବିବାର ଦିନ ସିଡ଼ବ୍ଲୁସିରେ ସୋନିଆ ଗାନ୍ଧୀ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ନେତୃତ୍ୱରୁ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଏହାକୁ ସିଡବ୍ଲ୍ୟୁଡିସି ପ୍ରତ୍ୟାଖ୍ୟାନ କରିଥିଲା ।

# କଂଗ୍ରେସ ସଂପୂର୍ଣ୍ଣ ଶେଷ ହୋଇଯାଇଛି, ଏବେ ସେମାନେ ପରସ୍ପରକୁ ଦୋଷ ଦେଇ ଦୁର୍ବଳତା ଲୁଚାଇବାକୁ ଚାହୁଁଛନ୍ତି : ହରିୟାଣା ଗୃହମନ୍ତ୍ରୀ ଅନିଲ ବିଜ



ଅମ୍ବାଲା : କଂଗ୍ରେସ ଦଳ ବିଷୟରେ ହରିୟାଣା ଗୃହମନ୍ତ୍ରୀ ଅନିଲ ବିଜୟ ଏକ ଚିନ୍ତାଜନକ ମନ୍ତବ୍ୟ ଦେଇଛନ୍ତି । ୫ଟି ରାଜ୍ୟର କଂଗ୍ରେସ ଅଧ୍ୟକ୍ଷଙ୍କ ଇସ୍ତଫା ପାଇଁ ସୋନିଆ ଗାନ୍ଧୀଙ୍କ ଦାବୀ ଉପରେ ଶ୍ରୀ ବିଜ କହିଛନ୍ତି ଯେ, କଂଗ୍ରେସ ବର୍ତ୍ତମାନ ଶେଷ ହୋଇଛି । ସେ ଆହୁରି କହିଛନ୍ତି, "କଂଗ୍ରେସ ଦଳରେ ଏବେ ରାଜ୍ୟ ଅଧ୍ୟକ୍ଷ ମାନଙ୍କ ଇସ୍ତଫା ନିଆଯାଉଛି । ଏହି ଦଳ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି । ବର୍ତ୍ତମାନ ସେମାନେ ପରସ୍ପରକୁ ଦାୟୀ କରି ନିଜର ଦୁର୍ବଳତାକୁ ଲୁଚାଇବାକୁ ଚାହୁଁଛନ୍ତି ।" ସୂଚନାଯୋଗ୍ୟ ଯେ, ପରୋକ୍ଷରେ କଂଗ୍ରେସର ସୁପ୍ରିମୋ ସୋନିଆ ଗାନ୍ଧୀଙ୍କ ୫ ରାଜ୍ୟରେ ବିଜୟୀ ହେବାର ଲକ୍ଷ୍ୟ ଥିଲା । ୫ଟି ଯାକ ରାଜ୍ୟରେ ବିଧାନସଭା ନିର୍ବାଚନରେ ହାରିଯିବା ପରେ ସେ ରାଜ୍ୟ କଂଗ୍ରେସ ମୁଖିଆଙ୍କ ଇସ୍ତଫା ଦାବୀ କରିଛନ୍ତି । ଗତକାଲି ସୋନିଆ ଗାନ୍ଧୀଙ୍କ ଅନୁମୋଦନ କ୍ରମେ କଂଗ୍ରେସର ପଞ୍ଜାବ ରାଜ୍ୟ ସଭାପତି ନବଜୋତ ସିଂ ସିଦ୍ଧୁ ଇସ୍ତଫା ଦେଇଛନ୍ତି । ସିଦ୍ଧୁ ସେହି ଚିଠିକୁ ସୋସିଆଲ ମିଡିଆରେ ମଧ୍ୟ ସେୟାର କରିଛନ୍ତି । ଉତ୍ତରପ୍ରଦେଶରେ ମଧ୍ୟ ଏହିପରି ଘଟଣା ଘଟିଛି, ଯେଉଁଠାରେ କଂଗ୍ରେସ ଚରମ ପରାଜୟର ସମ୍ମୁଖୀନ ହୋଇଛି । ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଗଣେଶ ଗୋଦିୟାଲ ଇସ୍ତଫା ଦେଇଛନ୍ତି । ଏହି ସମୟରେ ସେ ନିଜେ କହିଛନ୍ତି ଯେ, ରାଜ୍ୟ ନିର୍ବାଚନରେ ଦଳର ପରାଜୟର ନୈତିକ ଦାୟିତ୍ୱ ଗ୍ରହଣ କରି ମୁଁ ମୋର ଇସ୍ତଫା ପତ୍ର ଦାଖଲ କରିଛି । ଏଥି ସହ ଅଜୟ କୁମାର ଲଲୁ ମଧ୍ୟ ଦେଶର ବୃହତ୍ତମ ରାଜ୍ୟ ଉତ୍ତରପ୍ରଦେଶରେ ୟୁପି କଂଗ୍ରେସ କମିଟି ସଭାପତି ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫା ସମ୍ପର୍କରେ ଲଲୁ କହିଛନ୍ତି ଯେ, ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳର ପରାଜୟର ନୈତିକ ଦାୟିତ୍ୱ ଗ୍ରହଣ କରି ମୁଁ ୟୁପି କଂଗ୍ରେସ କମିଟିର ସଭାପତି ପଦରୁ ଇସ୍ତଫା ଦେଉଛି । ଜଣେ କାର୍ଯ୍ୟକର୍ତ୍ତା ଭାବରେ ମୁଁ ସାଧାରଣ ଲୋକଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରଖିବି ।

# ଏମିତି ଏକ ଘର, ଯାହାର ଗୋଟିଏ ଦ୍ୱାର ହରିୟାଣାରେ ଏବଂ ଅନ୍ୟଟି ରାଜସ୍ଥାନରେ ଖୋଲେ




ଚଣ୍ଡିଗଡ଼ : ପରିବାରରେ ବିଭେଦ ହେତୁ ଆପଣ ପ୍ରାୟତଃ ଘରଗୁଡ଼ିକର ବିଭାଜନ ହେଉଥିବା ଦେଖିଥିବେ ଏବଂ ଶୁଣିଥିବେ । କିନ୍ତୁ ଆଜି ଆମେ ଆପଣଙ୍କୁ ଏକ ଏମିତି ଘରର କାହାଣୀ କହିବାକୁ ଯାଉଛୁ, ଯାହା ଦୁଇଟି ରାଜ୍ୟର ଜମିରେ ଅବସ୍ଥିତ । ଏହା ଶୁଣିବା ଟିକେ ଅଜବ ଲାଗୁଥାଇପାରେ, କିନ୍ତୁ ବାସ୍ତବରେ ଏପରି ଏକ ଘର ଅଛି, ଯାହା ହରିୟାଣା-ରାଜସ୍ଥାନର ସୀମା ମଝିରେ ଅବସ୍ଥିତ । ଏହି ଘର ହରିୟାଣାର ରେୱାଡ଼ି ଜିଲ୍ଲା ଏବଂ ରାଜସ୍ଥାନର ଅଲୱର ଜିଲ୍ଲା ସୀମାରେ ଅବସ୍ଥିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଘରେ ରହୁଥିବା କାକା ହରିୟାଣାର ବାସିନ୍ଦା ଏବଂ ପୁତୁରା ରାଜସ୍ଥାନର ବାସିନ୍ଦା । ଦାୟମା ପରିବାରର ଏହି ଘର ଯୋଗୁଁ ଏଠାରେ ଦୁଇଟି ରାଜ୍ୟ ସୀମାର ପ୍ରତିବନ୍ଧକ ଜଣା ପଡିନାହିଁ । ଘରେ ଥିବା ମୋବାଇଲ୍ ନେଟୱାର୍କରେ କେତେବେଳେ ହରିୟାଣା ତ' ଆଉ ବେଳେବେଳେ ରାଜସ୍ଥାନର ମଧ୍ୟ ଦେଖାଯାଏ ।

# ଅଜବ୍ ଯୋଡ଼ି : ବିବାହ ବନ୍ଧନରେ ବାନ୍ଧି ହୋଇ ରହି ପାରିଲେନି ଏକାଠି, ବିବାହ ବିଚ୍ଛେଦ ପରେ ପୁଣି ଆରମ୍ଭ କଲେ ଯୁଗଳ ଜୀବନ



ଆଗ୍ରା : ଏକ ଅଜବ୍ ଯୋଡ଼ିଙ୍କ ଗଜବ୍ କାହାଣୀ ସାମ୍ନାକୁ ଆସିଛି । ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ବେଳେ ରହିପାରିଲେନି ଏକାଠି । କିନ୍ତୁ ବିବାହ ବିଚ୍ଛେଦର ମାତ୍ର ତିନି ମାସ ପରେ ପୁଣି ଆରମ୍ଭ କଲେ ଯୁଗଳ ଜୀବନ । ପାଖାପାଖି ଛଅ ମାସ ତଳେ ବୈଦିକ ରୀତିରେ ସେମାନେ ବିବାହ କରିଥିଲେ ପରିବାର ସଦସ୍ୟଙ୍କ ସହମତି କ୍ରମେ । ଅଥଚ ବିବାହ ପରେ ଦୁହେଁ ଦୁହିଁଙ୍କ ସହ ବାରମ୍ବାର କଥା କଟାକଟି ଓ ଯୁକ୍ତିତର୍କ ଏବଂ ହାତ ଉଠାଉଠି ଯାଏଁ କଥା ପହଂଚିଲା । ଅସମ୍ଭାଳ ହୋଇପଡ଼ିଲା ଦୁହିଁଙ୍କ ଭିତରେ ବୈବାହିକ ସଂପର୍କ । ଯୁବକ ଓ ଯୁବତୀଙ୍କ ପରିବାରବର୍ଗ ମଧ୍ୟ ଦୁହିଁଙ୍କ ମଧ୍ୟରେ ମିଳାମିଶା କରାଇବାରେ ଅସମର୍ଥ ହେଲେ ।

ଶେଷରେ ଦୁହିଁଙ୍କ ନିଷ୍ପତ୍ତି କ୍ରମେ ସମାଜ ଲୋକଙ୍କୁ ନେଇ ବିବାହ ବିଚ୍ଛେଦ କରାଇଥିଲେ ପରିବାର ଲୋକେ । କିନ୍ତୁ ଆଶ୍ଚର୍ଯ୍ୟର କଥା ବିବାହ ବିଚ୍ଛେଦର ତିନି ମାସ ଭିତରେ ଦୁହେଁ ଦୁହିଁଙ୍କୁ ପୁଣି ପସନ୍ଦ କରିବାକୁ ଲାଗିଲେ ଏବଂ ପରିବାରବର୍ଗ ତଥା ସମାଜ ଲୋକଙ୍କ ବାରଣ ସତ୍ତ୍ୱେ ସେମାନେ ଏକାଠି ରହିବାକୁ ନିଷ୍ପତ୍ତି ନେଇ ଏବେ ଖୁବ୍ ଆନନ୍ଦରେ ସେମାନେ ଆରମ୍ଭ କରିଛନ୍ତି ଯୁଗଳ ଜୀବନ । ତାଙ୍କ ପତିପତ୍ନୀ ସଂପର୍କ ଉପରେ ସେମାନେ କୁହନ୍ତି, ବାସ୍ତବରେ ଆମେ ଆମର ସଂପର୍କର ମଧୁର ଦିଗକୁ ଏକାଠି ଥିବା ସମୟରେ ଦେଖି ପାରିନଥିଲୁ । ଯେତେବେଳେ ଦୁହେଁ ଦୁହିଁଙ୍କ ଠାରୁ ଦୂରେଇ ଗଲୁ, ତା'ପରେ ଆମେ ଆମର ସଂପର୍କର ଗୁରୁତ୍ୱ ଏବଂ ମଧୁର ଦିଗ ପ୍ରତି ଧ୍ୟାନ ଦେଲୁ ଏବଂ ହଜାରେ ବାରଣ ସତ୍ତ୍ୱେ ପୁଣି ଏକାଠି ହୋଇଗଲୁ । ବୋଧହୁଏ, ଏଣୁ ଏଣିକି ଆମେ ଦୁହେଁ ଦୁହିଁଙ୍କ ଠାରୁ କେବେ ବି ଦୂରେଇ ରହି ପାରିବୁନି ।

# ମୁଖାବନ୍ଧା ଯୁବକଙ୍କ ଦୌରାତ୍ମ୍ୟ : ଛୁରା ମାଡରେ ଯୁବତୀ ଗୁରୁତର

ନୂଆପଡ଼ା, (ନିପ୍ର) : ନୂଆପଡ଼ା ସହରରେ ଦୁଇ ଜଣ ମୁଖାପିନ୍ଧା ଯୁବକଙ୍କ ଛୁରା ମାଡରେ ଜଣେ ଯୁବତୀ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ଗୁରୁତର ଯୁବତୀ ଜଣକ ସ୍ଥାନୀୟ ଇନ୍ଦିରା କଲୋନୀର ପୁଷ୍ପାଞ୍ଜଳି ଅଦା(୨୭) ବୋଲି ଜଣାପଡିଛି । ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ସୋମବାର ରାତି ୯ ଟାରେ ଇନ୍ଦିରା କଲୋନୀର ତୀର୍ଥ ଅଦାଙ୍କ ଝିଅ ପୁଷ୍ପାଞ୍ଜଳି ତାରିଣୀ ମନ୍ଦିର ନିକଟକୁ ବୁଲିବାକୁ ଆସିଥିଲେ । ଏହି ସମୟରେ ଦୁଇ ଜଣ ମୁଖାପିନ୍ଧା ଯୁବକ ଆସି ପେପର କଟା ଛୁରୀରେ ଆକ୍ରମଣ କରିଥିଲେ ।

ଏଥିରେ ଯୁବତୀ ଜଣକ ଲହୁଲୁହାଣ ହୋଇଥିଲେ । ଘଟଣାସ୍ଥଳରେ ପରିବାର ଲୋକେ ପହଂଚି ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଯୁବତୀଙ୍କ ବାମ ଗାଲରେ କ୍ଷତ ଲାଗିଥିବା ବେଳେ ଏଥିରେ ୧୪ଟି ଷ୍ଟିଚ ଲାଗିଛି । ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖା ଦେଇଛି । ସଦର ପୁଲିସର ଏକ ଟିମ୍ ହସ୍ପିଟାଲରେ ପହଂଚି ଗୁରୁତର ଯୁବତୀଙ୍କୁ ପଚରା ଉଚୁରା ଚଳାଇଥିବା ବେଳେ ଅନ୍ୟ ଏକ ଟିମ୍ ଇନ୍ଦିରା କଲୋନୀରେ ପହଂଚି ଛାନ୍‌ଭିନ୍ ଚଳାଇଥିବା ଏସ୍ଆଇ ବିନୋଦ ବିହାରୀ ସେଠୀ ସୂଚନା ଦେଇଛନ୍ତି । ତେବେ ଯୁବତୀଙ୍କ ଗଳା କାଟିବାକୁ ଉଦ୍ୟମ କରିବା ବେଳେ ଗାଲରେ ଛୁରୀ ବାଜିଥିଲା ।

# ଟଙ୍ଗିଆ ଜାମ୍ କମିଟି ତରଫରୁ ପ୍ରବଚନ କାର୍ଯ୍ୟକ୍ରମ



ତୁଷୁରା, (ନିପ୍ର) : ତୁଷୁରା ଥାନା ଅନ୍ତର୍ଗତ ଶିବତଲା ଗ୍ରାମ କମିଟି ତରଫରୁ ପରିବେଶ ସୁରକ୍ଷା ଉପରେ ଟଙ୍ଗିଆ ଜାମ୍ କମିଟି ପକ୍ଷରୁ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ତରଫରୁ ବଲାଙ୍ଗିର ଟଙ୍ଗିଆ ଜାମ୍ କମିଟିକୁ ଆମନ୍ତ୍ରଣ କରାଯାଇଥିବା ବେଳେ ଗାଁ ମଝିରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଂଧ୍ୟା ୭ଟାରୁ ୧୦ ଘଂଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଟଙ୍ଗିଆ ଜାମ୍ର ଆବାହକ ଗୋପାଳ ହୋତା ବେଦ ବେଦାନ୍ତ, ଉପନିଷଦ, ରାମୟଣ ଓ ଭାଗବତରେ ବର୍ଣ୍ଣିତ ଥିବା ବୃକ୍ଷଲତାମାନଙ୍କ ସୃଷ୍ଟି ବୃତ୍ତାନ୍ତ, ଆବଶ୍ୟକତା, ଉପକାରିତା ଉପରେ ଗଭୀର କଥାବସ୍ତୁ ଉପସ୍ଥାପନ କରିଥିଲେ ।

ବର୍ତ୍ତମାନ ସୃଷ୍ଟିରେ ଜନସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଲୋକେ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ କିପରି ପ୍ରକୃତିକୁ ଶୋଷଣ କରୁଛନ୍ତି ଏବଂ ଏହି ପ୍ରଭାବରେ ଜଂଗଲ ନଷ୍ଟ ହେବାରେ ଲାଗିଥିବା ଯୋଗୁଁ ପୃଥିବୀ ପୃଷ୍ଠ ଉତ୍ତପ୍ତ ହୋଇ ବରଫ ତରଳି ମହାପ୍ରଳୟ ଆସିବାର ସ୍ଥିତି ସଂପର୍କରେ ସେ ଆଲୋଚନା କରିଥିଲେ । ତେବେ ଏଭଳି ପରିସ୍ଥିତିରେ ସୃଷ୍ଟିକୁ ରକ୍ଷା କରିବା ପାଇଁ ସେ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ଆଗାମୀ ଦିନରେ ଜଂଗଲ ସୁରକ୍ଷା କରବା ସହ ଗଛଲତା ବଢ଼ାଇବା ପାଇଁ ଶପଥ ନେଇଥିଲେ ।

ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭ୍ୟ ଧ୍ରୁବଚରଣ ମେହେର, ଅଶୋକ ସାହୁ, ନରେନ୍ଦ୍ର ପଟେଲ, ସୁଶାନ୍ତ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ଶିବତଲାର ସରପଞ୍ଚଙ୍କ ସ୍ୱାମୀ ହେମସାଗର ମାଝୀ, ରବିଚନ୍ଦ୍ର କର୍ମୀ ତଥା ଜଗନ୍ନାଥ ମନ୍ଦିର କମିଟିର ସଭ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# କରପଡା ଗ୍ରାମ ନଦୀତଟରୁ ଶିଶୁପୁତ୍ରକୁ ଉଦ୍ଧାର : ଚାଇଲ୍ଡ ଲାଇନକୁ ହସ୍ତାନ୍ତର କଲେ ଗ୍ରାମବାସୀ



ଗଞ୍ଜାମ, (ନିପ୍ର) : ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ଗ୍ରାମ ଶନି ମନ୍ଦିର ନିକଟସ୍ଥ ଋଷିକୁଲ୍ୟା ନଦୀ ତଟରୁ ବୁଧବାର ଏକ ଦେଢ ବର୍ଷର ଶିଶୁ ପୁତ୍ରକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛନ୍ତି ଗ୍ରାମବାସୀ । ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଭୋର ୪ ଟା ସମୟରେ କରପଡା ଗ୍ରାମର କିଛି ମହିଳା ନଦୀରୁ ଗାଧେଇ ସାରି ଫେରୁଥିବା ବେଳେ ଶିଶୁ ପତ୍ରର କାନ୍ଦ ଶୁଣିବାକୁ ପାଇଥିଲେ । ପରେ ତାକୁ ଉଦ୍ଧାର କରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । କରପଡା ସରପଞ୍ଚ ଅଜୟ କୁମାର ନାୟକ ଓ ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ଗଞ୍ଜାମ ଥାନା ପୋଲିସ୍ ଓ ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ । ଘଟଣାର ଖବର ପାଇ ଗଞ୍ଜାମ ଥାନାର ଏଏସ୍ଆଇ ସୁପ୍ରଭା ସାହୁ, ବ୍ରହ୍ମପୁର ଚାଇଲ୍ଡ ଲାଇନର ଭାରପ୍ରାପ୍ତ ସଂଯୋଜକ ପ୍ରଣତି କର, ସଭ୍ୟ ପ୍ରଭାତ କୁମାର ପାଢୀ, ସିଡିପିଓ ସଲିଳା ପ୍ରଧାନ ପ୍ରମୁଖ ଶିଶୁ ପତ୍ରକୁ ଉଦ୍ଧାର କରି ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ପଠାଇଥିଲେ । ଏହି ଶିଶୁ ପୁତ୍ରକୁ ସିଏସଡବ୍ଲୁକୁ ହସ୍ତାନ୍ତର କରାଯିବ ବୋଲି ସିଡିପିଓ ଶ୍ରୀମତି ପ୍ରଧାନ ସୂଚନା ଦେଇଛନ୍ତି । ଏହି ଶିଶୁ ପୁତ୍ରକୁ ହସ୍ତାନ୍ତର ବେଳେ ବହୁ ଗ୍ରାମବାସୀଙ୍କ ସମେତ ବହୁ ଆଶା ଓ ଅଙ୍ଗନବାଡି କର୍ମୀ ମାନେ ସାମିଲ୍ ଥିଲେ ।

# ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଏକ ବର୍ଷ ପୂର୍ତ୍ତି : ଜଙ୍ଗଲ ନିଆଁ ଆୟତ୍ତ ସଚେତନତା ଆରମ୍ଭ

## ମୋଟର ସାଇକଲରେ ସହର ପରିକ୍ରମା କଲେ ସବୁଜ ବାହିନୀ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଏକବର୍ଷ ପୂର୍ତ୍ତି ଅବସରରେ ବୁଧବାର ଏକ ସଚେତନତା ମୋଟର ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅଭିଯାନ ଆବାହାକ ସୁନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ସବୁଜ ବାହିନୀ ସଦସ୍ୟମାନେ ସ୍ଥାନୀୟ ସର୍କିଟ ହାଉସରୁ ଏକ ସଚେତନତା ମୋଟର ସାଇକଲ ଶୋଭାଯାତ୍ରା ବାହାରି ତୁଳସୀନଗର, ରୁଗୁଡିପଡା, ପେଲେସଲାଇନ୍, କୋସଲ ଛକ, ଆରଟିଓ ଅଫିସ ଛକ ଦେଇ କଦଳୀମୁଣ୍ଡା ନର୍ସରୀକୁ ପହଞ୍ଚିଥିଲେ ।

ଏଥିରେ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଯୋଗଦାନ କରି ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ନାରା ଦେଇ ସହର ପରିକ୍ରମା କରିଥିଲେ । ନର୍ସରୀ ଠାରେ ଅଭିଯାନ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଖରାଦିନରେ କିଭଳି ଭାବେ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିବ ଏବଂ ଏଦିଗରେ ବନବିଭାଗ, ଗାଁ ଏବଂ ସହର ଲୋକଙ୍କ କ'ଣ ଭୂମିକା ରହିଛି ସେନେଇ ଆଲୋଚନା ହୋଇଥିଲା । ସଭାପତୀୟ ଅଭିଭାଷଣରେ ଶ୍ରୀ ପଣ୍ଡା ଅଭିଯାନର ବର୍ଷବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଏବଂ ସମାଜସେବା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହ ଅଭିଯାନରେ ଅଧିକ ଯୁବପିଢ଼ି ସାମିଲ ହୋଇଥିବାରୁ ଜଙ୍ଗଲ ସୁରକ୍ଷାକୁ ନେଇ ଏହା ଏକ ଶୁଭସଙ୍କେତ ବୋଲି କହିଥିଲେ । ଆବାହକ ଶ୍ରୀ ମହାନ୍ତି ଆଗାମୀ ଏକ ମାସ ଧରି କେଉଁ ଗାଁରେ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ହେବ ସେନେଇ କହିଥିଲେ । ଏକବର୍ଷ ପୂର୍ତ୍ତି ହୋଇଥିବାରୁ ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ । ସଭାରେ ଉପଦେଷ୍ଟା ବୀରେନ୍ଦ୍ର କୁମାର ଝାଙ୍କର ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ କବି ଅର୍ଜୁନ ସାହୁ ଜଙ୍ଗଲ ସୁରକ୍ଷାକୁ ନେଇ କୋଶଲୀ ସଚେତନତା ଗୀତ ପରିବେଷଣ କରିଥିଲେ । ସଭାରେ ସବୁଜ ବାହିନୀର ଅନିରୁଦ୍ଧ ଖର୍ସେଲ, ବିଶ୍ୱନାଥ କଠାର, ସ୍ୱେଚ୍ଛାସେବୀ ପ୍ରଶାନ୍ତ ମହାକୁର ଓ ଅନ୍ୟମାନେ ସହଯୋଗ କରିଥିଲେ । ଶେଷରେ ସଞ୍ଜୟ ଭୋଇ ଧନ୍ୟବାଦ ଦେଇଥିଲେ ।

# ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ମଂଚର ସଭାପତି ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମନୋରଂଜନ ମିଶ୍ର ସାଧାରଣ ସଂପାଦକ ପୂର୍ବ ସଭାର ବିବରଣୀ ପଠନ କରିଥିଲେ । ଯାହାକୁ ଉପସ୍ଥିତ ସମସ୍ତ ସଭ୍ୟ କରତାଳି ମାଧ୍ୟମରେ ଅନୁମୋଦନ କରିଥିଲେ । ତତ୍ପରେ ପରେ ସାଧାରଣ ସଂପାଦକ ଶ୍ରୀ ମିଶ୍ର ସଭାରେ ଆଲୋଚିତ ହେବାକୁ ଥିବା ଏଜେଣ୍ଡା ପଠନ ପରେ ସଭା କାର୍ଯ୍ୟ ଆରମ୍ଭ ହେଲା । ଆସନ୍ତା ତା. ୨୬.୦୩.୨୦୨୨ ଶନିବାରରେ ସାଧାରଣ ସଭା ଅନୁଷ୍ଠିତ ହେବା ପାଇଁ ସ୍ଥିର ହେଲା ।

ଚଳିତ ବର୍ଷ ପାଇଁ ବରିଷ୍ଠ ନାଗରିକମାନଙ୍କ ଭ୍ରମଣ ନିମନ୍ତେ ଗୁଜୁରାଟ ପ୍ରଦେଶରେ ସ୍ଥିତ ଦ୍ୱାରିକାକୁ ଯିବା ପାଇଁ ସ୍ଥିର ହୋଇ ଏଥିପାଇଁ ଏକ ସବ କମିଟି ଗଠନ ହେଲା ।

ଏହି କମିଟି ଭ୍ରମଣର ସମସ୍ତ ବିଷୟର ଦାୟିତ୍ୱ ବହନ କରିବେ । ମଂଚର ଅଡିଟ ପାଇଁ ମଧ୍ୟ ଏକ ଦୁଇ ଜଣିଆ କମିଟି ଗଠନ କରାଯାଇଥିବା ବେଳେ ସଭାରେ ନରେନ୍ଦ୍ର କବାଟ, କୋଷାଧକ୍ଷ ପ୍ରଫୁଲ୍ଲ ସାହୁ ଓ ବିରଂଚି ହୋତା, ଉପସଭାପତି ପଦ୍ମଚରଣ ଆଚାର୍ଯ୍ୟ, ଉପଦେଷ୍ଟା ବିନୟ ମିଶ୍ର, ସଂଗଠନ ସଂପାଦକ ସୁନିଲ ବିଶ୍ୱାଲ, ଅତିରିକ୍ତ ସହ ସଂପାଦକ ଚୁଡେନ୍ଦ୍ର ବେହେରା, ଯୁଗ୍ମ ସଂପାଦକ ମଳିଆ ଗଡୁଆ, ଗଜେନ୍ଦ୍ର ଭ୍ରମର, ଅଶୋକ କୁମାର ମିସ୍ର, କପିଳେଶ୍ୱର ଖମାରୀ, ପୂର୍ଣ୍ଣଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଆଲୋଚନାରେ ଭାଗ ନେଇଥିଲେ । ପରିଶେଷରେ ସୁନିଲ ବିଶ୍ୱାଲ ଧନ୍ୟବାଦ ଦେଇଥିଲେ । ତତ୍ପରେ ସଭାପତି ସଭା ସାଙ୍ଗ କରିଥିଲେ ।

# କୁଶଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ଡିଗ୍ରୀ ମହାବିଦ୍ୟାଳୟ କୁଶଙ୍ଗରେ ବାର୍ଷିକ ଉତ୍ସବ ଅଧ୍ୟାପକ ଡ୍. ଅଜିତ କୁମାର ଭୋଇଙ୍କ ସଭାପତତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବିଧାୟକ ଡ. ମୁକେଶ ମହଲିଙ୍ଗ ଯୋଗ ଦେଇ ପିଲାଙ୍କୁ ଉତ୍ତମପଥରେ ଚାଲିବା ପାଇଁ ତଥା ପରିଶ୍ରମ କେବେ ବିଫଳ ଯାଏ ନାହିଁ ସେ ବିଷୟରେ ପରାମର୍ଶ ଦେଲେ । ଅଞ୍ଚଳର ଅନ୍ୟ ଏକ ଜ୍ଞାନୀ ବ୍ୟକ୍ତି ଗୋଲକ ବିହାରୀ ପଟେଲ ତଥା ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିବା ଅଧକ୍ଷ ବିଜୟ କୁମାର କଳେତ ମହାଶୟ ପ୍ରାଚୀନ ତଥ୍ୟକୁ ଉଖାରିବ ସହିତ କଲେଜର ବିକାଶ କଥା ତଥା ପିଲାଙ୍କ ଉନ୍ନତି ପାଇଁ ପରାମର୍ଶ ଦେଲେ । ଅଧ୍ୟାପକ ଡ୍.ଲକ୍ଷ୍ମଣ ମେହେର ପିଲାଙ୍କ ଉନ୍ନତି ଦିଗରେ ଏକ ସୁନ୍ଦର କବିତା ପଠନ କରିବା ସହ, ଶେଷରେ ଅଧ୍ୟାପିକା ବିଜ୍ଞଶ୍ରୀ ଗୁରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ ଉତ୍ସବର ସଂସ୍କୃତିକ କାର୍ଯ୍ୟକ୍ରମରେ ସୁନୀତା ବରିହା ସଙ୍ଗୀତ ଗାନ କରିଥିବା ବେଳେ ପ୍ରାରମ୍ଭିକ ସଙ୍ଗୀତ, ରୋଜି ସାହୁ, ମୋନାଲିସା ବେହେରା, ସ୍ୱପ୍ନା, ଯଶୋବନ୍ତି, ଚିନ୍ମୟୀ ଗାନ କରିଥିଲେ । ଅନୁମଇ, ଚୁମକି, ରୁକ୍ସାନା, ଚିନ୍ମଇ, ରାଜେଶ ଡାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିବା ବେଳେ କୁସମେଲ ଲମ୍ବୋଦର ସାହୁ ମ୍ୟୁଜିକ୍ କାର୍ଯ୍ୟରେ ସହଯୋଗ କରିବା ସହ ରାହୁଲ ନୃତ୍ୟ ପରିବେଷଣ କରିଥିଲେ । ମାନ୍ୟବର ବିଧାୟକଙ୍କ କର କମଳରେ 'ସଜ ଗୋଲାପା' ଉନ୍ମୋଚନ ହୋଇଯାଇଛି । ସଜ ଗୋଲାପର ଉପଦେଷ୍ଟା ହେଉଛନ୍ତି ବିଜୟ କୁମାର କଳେତ ଏବଂ ଡ. ଅଜିତ କୁମାର ଭୋଇ । ସମ୍ପାଦକ ଡ. ଲକ୍ଷ୍ମଣ ମେହେର, ସହ ସମ୍ପାଦକ ଶିବାଶିଷ ମିଶ୍ର, ସୁଶ୍ରୀ ଜାଗୃତି ଗଡତ୍ୟା । ସହଯୋଗୀ ଥିଲେ ସୁରଜ୍ ପ୍ରତାପ ସିଂହଦେଓ, ରଞ୍ଜନ ସାହୁ, ଅକ୍ଷୟ କୁମାର ସାହୁ, ସତ୍ୟମ୍ ପଧାନ, ଚିନ୍ତାମଣି ଦାସ, ହରିପ୍ରିୟା ନାୟକ । ସଜଗୋଲାପରେ କବିତା ଲେଖି ଥିବା ଛାତ୍ର ଛାତ୍ରୀ ହେଲେ ହିତେଶ କୁମାର ସାହୁ, ଜାଗୃତି ଗଡତ୍ୟା, ଆଶାରାଣୀ ସାହୁ, ବିଦେଶ କୁମାର ସାହୁ, ହରିପ୍ରୀୟା ନାୟକ, ଡିଲେଶ୍ୱରି ଷଣ୍ଢ, ରୋଜି ସାହୁ, ଶିବାଶିଷ ମିଶ୍ର, ଅନିତା ବିଶ୍ୱାଳ, ବର୍ଷାରାଣୀ ଭୁଏ, ଶ୍ରାବଣୀ ସାଏ, ପୁଷ୍ପାଞ୍ଜଳି ନାୟକ, ଚିନ୍ତାମଣି ଦାସ ଏମାନେ କବିତା ଉପସ୍ଥାପନା କରିଥିଲେ ।

# ରାଜ୍ୟସ୍ତରୀୟ କବି ଲେଖକ କଳାକାର ସମାବେଶ ଆସନ୍ତା ୨୦ରେ



ରାଉରକେଲା, (ନିପ୍ର) : ରାଜ୍ୟର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ "ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, କଟକ", ଅଗ୍ନିସ୍ଫୁଲିଙ୍ଗ, ରାଉରକେଲା ଏବଂ ଓଡିଶା ପୂଜ୍ୟପୂଜା ପରିଷଦ, ଭୂବନ ଆନୁକୂଲ୍ୟରେ ଆଗାମୀ ମାର୍ଚ୍ଚ ୨୦ ତାରିଖ ଦିନ ଦିବସ ବ୍ୟାପୀ ରାଜ୍ୟସ୍ତରୀୟ କବି, ଲେଖକ, କଳାକାର ସମାରୋହ, କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ, ସାଧାରଣ ସଭା ଓ ସାରସ୍ୱତ ସମ୍ବର୍ଦ୍ଧନା ମହୋତ୍ସବ ୨୦୨୨ ବାଣୀପୀଠ କଟକସ୍ଥ କର୍ମବୀର ଗୌରୀଶଙ୍କର ଟାଉନ୍ ହଲଠାରେ ଅନୁଷ୍ଠିତ ହେବ ।

ଏଥିରେ ସର୍ବଭାରତୀୟ ସ୍ତରର କବି, ଲେଖକ, କଳାକାର ଯୋଗ ଦେବେ । ନୀଳଗିରିର ମହାରାଜ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ମହାରାଣୀ ମନୋଜାମଞ୍ଜରୀ ଦେବୀ, ପଦ୍ମଶ୍ରୀ ରଜତ କୁମାର କର, ଡଃ ପ୍ରସନ୍ନ ପାଟଶାଣୀ, ଡଃ ହୁସେନ ରବି ଗାନ୍ଧୀ, ପ୍ରଫେସର ମନୋରଞ୍ଜନ ଦାସ, ଡଃ ପୀତବାସ ମିଶ୍ର, ଅଧକ୍ଷ ପରୀକ୍ଷିତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେବେ । ଏହି ଉତ୍ସବରେ ଭାରତର ସର୍ବବୃହତମ ସାରସ୍ୱତ ସଂକଳନ "ମନସ୍ୱିନୀ" ଲୋକାର୍ପିତ ହେବ । ଏହି ଅବସରରେ ପ୍ରବନ୍ଧରେ ଡଃ ପ୍ରଶାନ୍ତ କୁମାର ମହାରଣା, କବିତାରେ ସୁଶାନ୍ତ ନାୟକ, ଗଳ୍ପରେ ଡଃ କଳ୍ପନା ମହାନ୍ତି, ଉପନ୍ୟାସରେ ଜୟନ୍ତୀ ଜେନା, ନାଟକରେ ଡା କୃପାସିନ୍ଧୁ ନାୟକ, ଅନୁବାଦରେ ନିରଞ୍ଜନ ଜେନା, ଶିଶୁ ସାହିତ୍ୟରେ ନବ କିଶୋର ବେହେରା, ସ୍ତମ୍ଭକାର ଭାବରେ ଡଃ ନରେନ୍ଦ୍ର ସେଠୀଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରମାଣିତ କରିଥିବା ସର୍ବଶ୍ରୀ କୁଞ୍ଜବିହାରୀ ରାଉତ, ଆର୍ତ୍ତତ୍ରାଣ ବାବୁ, ହରିଶ୍ଚନ୍ଦ୍ର ବେହେରା, ଗୋପୀନାଥ ପଟ୍ଟନାୟକ, ଡଃ ରବିନାରାୟଣ ପଣ୍ଡା, ଝସକେତନ ଗୁରୁ, ଶ୍ରେଷ୍ଠ ଛାତ୍ରଛାତ୍ରୀ, ନୃତ୍ୟଶିଳ୍ପୀ, ଶିକ୍ଷାବିତ୍, ସମାଜସେବୀ, କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ ସାଫଲ୍ୟ ମଣ୍ଡିତ କରିବାକୁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି ।

# ୩ୟ ଦେଶଫାଲ୍ ଲୋକକଳା ମହୋତ୍ସବ ଉଦ୍‌ଘାଟିତ



ସୁବର୍ଣ୍ଣପୁର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଉପଖଣ୍ଡର ଧର୍ମଶାଳାଠାରେ ତୃତୀୟ ଦେଶଫାଲ୍ ଲୋକକଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ପର୍ବରେ ଶିକ୍ଷାବିଦ୍ ଡଃ ପ୍ରଫୁଲ୍ଲ ରଥ, ଡଃ କେଦାରନାଥ ମିଶ୍ର, ଡଃ ରାମେଶ୍ୱର ନାଏକ ଓ ଐତିହାସିକ ସୁଦାମ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଦେଶଫାଲ୍ କୁହାଯାଉଥିବା ବୀରମହାରାଜପୁର-ଉଲୁଣ୍ଡା ଅଂଚଳର କଳା, ସଂସ୍କୃତି, ସାହିତ୍ୟ ଓ ଇତିହାସ ଉପରେ ଆଲୋକପାତ କରିଥିଲେ । ପରେ ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କ ଦ୍ୱାରା ଓଡିଶୀ ସହ ଲୋକକଳା ପ୍ରଦର୍ଶନ କ୍ରମରେ ଆଦିବାସୀ ନୃତ୍ୟ, ସଂଚାର ନୃତ୍ୟ ଏବଂ ଷୋହଳ ସୁଆଂଗ ଦଣ୍ଡନୃତ୍ୟ ପରିବେଷିତ ହୋଇଥିଲା । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ହେବାକୁ ଥିବା ଦେଶଫାଲ୍ ଲୋକକଳା ମହୋତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫ ଶହରୁ ଅଧିକ କଳାକାର ଅଂଶଗ୍ରହଣ କରିବାକୁ ଥିବା ବେଳେ ପ୍ରଥମ ଦିନରେ ଅଞ୍ଚଳର ସଂସ୍କୃତି ଓ ଅସ୍ମିତାକୁ ନେଇ ପ୍ରକାଶିତ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ରୋଲ ପ୍ଲେ ଓ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର କନ୍‌ଫରେନ୍ସ ହଲ୍‌ଠାରେ ଟିଇ ଓ ଏସ୍‌ସିଇଆର୍‌ଟି, ଭୁବନେଶ୍ୱରଙ୍କ ନିର୍ଦ୍ଦେଶରେ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲାସ୍ତରୀୟ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ରୋଲ ପ୍ଲେ ଓ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରୋଲ ପ୍ଲେ ପ୍ରତିଯୋଗିତାରେ ଜିଲ୍ଲାର ୧୧ଟି ଦଳ ଓ ଲୋକ ନୃତ୍ୟ ପ୍ରତିଯୋଗିତାରେ ୧୧ଟି ଦଳ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ଚରଣ ମେହେର, ଶିକ୍ଷାବିତ୍ ସନାତନ୍ ଠାକୁର ଯୋଗ ଦେଇଥିଲେ । ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ସରୋଜ ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷାବିତ୍ ସୁରେନ୍ଦ୍ର ତ୍ରିପାଠୀ, ବିଜ୍ଞାନ ସୋସାଇଟିର ନିର୍ଦ୍ଦେଶକ ପଦ୍ମଚରଣ ଆଚାର୍ଯ୍ୟ, ଚିତ୍ରଶିଳ୍ପୀ ଦିଲୀପ ସିଂଦେଓ ଓ ମୂରଲୀଧାରୀ ପତି ବିଚାରକ ଭାବେ ଯୋଗ ଦେଇଥିଲେ । ରୋଲ ପ୍ଲେରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅଏଁଲାଚୁଆଁ ପ୍ରଥମ ସ୍ଥାନ, ପର୍ଶୁରାମ ଉଚ୍ଚ ବିଦ୍ୟାଳୟ, କୁଡାସିଂହା ଦ୍ୱିତୀୟ ଓ ନିଧୀସାଗର ବିଦ୍ୟାପୀଠ, ବୁଦେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଲୋକ ନୃତ୍ୟ ପ୍ରତିଯୋଗିତାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର ପ୍ରଥମ ସ୍ଥାନ, ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅଏଁଲାଚୁଆଁ ଦ୍ୱିତୀୟ ଓ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଭୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ଉଭୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଜ୍ଞାନ ଶିକ୍ଷକ ରାମ ଗୋପାଲ ଖମାରୀ ଶର୍ମା ।

# ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜରଙ୍କ ସାକ୍ଷାତକାର




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ରେଳ ଉପଭୋକ୍ତା ସଂଘର ସଭାପତି ଧର୍ମବ୍ରତ ରଥ ଓ ବରିଷ୍ଠ ସଦସ୍ୟ ଦିବାକର ହୋତା, ମହେଶ୍ୱର ସାହୁ ପ୍ରମୁଖ ପୂର୍ବତଟ ରେଳପଥ ଭୁବନେଶ୍ୱରରୁ ପରିଦର୍ଶନରେ ଆସିଥିବା ଜିଏମ୍ ଅର୍ଚ୍ଚନା ଯୋଷୀ, ଡିଆରଏମ୍ ପ୍ରଦିପ କୁମାର ଓ ତାଙ୍କ ପ୍ରତିନିଧିଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ସାକ୍ଷାତ କରି ଆଲୋଚନା କରିବା ସହ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଦାବୀପତ୍ରରେ ବିଶାଖାପାଟଣା – ଅମୃତସର ଏକ୍ସପ୍ରେସକୁ ବରଗଡ ବଲାଙ୍ଗିର ଦେଇ ଚଳାଇବା, ସମତା ଏକ୍ସପ୍ରେସକୁ ବଲାଙ୍ଗିର-ବରଗଡ ଓ ସମ୍ବଲପୁର ଦେଇ ବଳକା ଦୁଇଦିନ ଚଳାଇବା, ସମ୍ବଲପୁର – ପୁରୀ ଇଣ୍ଟରସିଟି ବଲାଙ୍ଗିର ପର୍ଯ୍ୟନ୍ତ ଚଳାଇବା, ଭବାନୀପାଟଣା – ପୁରି ଇଣ୍ଟରସିଟି – ବଲାଙ୍ଗିର – ବରଗଡ – ସମ୍ବଲପୁର ଦେଇ ଚଳାଚଳ କରାଇବା, ବଲାଙ୍ଗିର- ବିଛୁପାଲି ଟ୍ରେନକୁ ସମ୍ବଲପୁର ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଇବା, ବଲାଙ୍ଗିର ଜଙ୍ଗ୍‌ସନରେ ଲିଫ୍ଟ ବ୍ୟବସ୍ଥା ଶୀଘ୍ର ଚାଲୁ କରାଇବା, ଟିକେଟ ବୁକିଂ କାଉଣ୍ଟରରୁ ପ୍ଲାଟଫର୍ମ ଗେଟ ପର୍ଯ୍ୟନ୍ତ ଛାଉଣିର ବ୍ୟବସ୍ଥା କରାଇବା, ବଲାଙ୍ଗିର ଜଙ୍ଗସନରେ ଟ୍ରେନ କୋଚ ଓ୍ୱସିଂ ବ୍ୟବସ୍ଥା କରାଇବା ଇତ୍ୟାଦି ଦାବୀ ସଂପର୍କରେ ଉଲ୍ଲେଖ ରହିଥିଲା ।




# ପୌର ପରିଷଦର କଂଗ୍ରେସ ଚେୟାରମେନ ପ୍ରାର୍ଥିନୀଙ୍କ ଦିଅର ପୂର୍ଣ୍ଣଚନ୍ଦ୍ର ସାହୁ ବିଜେଡ଼ିରେ ଯୋଗଦେଲେ



ବଲାଙ୍ଗିର, (ନିପ୍ର) : ଶୈଳଶ୍ରୀ ପେଲେସଠାରେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂହଦେଓଙ୍କ ଉପସ୍ଥିତିରେ ପୌରପରିଷଦ ନିର୍ବାଚନରେ କଂଗ୍ରେସର ଚେୟାରମ୍ୟାନ ପାର୍ଥିନୀଙ୍କ ଦିଅର ପୂର୍ଣ୍ଣଚନ୍ଦ୍ର ସାହୁ ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିଛନ୍ତି । ବରିଷ୍ଠ ବିଜେଡ଼ି ନେତା ଅନଙ୍ଗ ଉଦୟ ସିଂହଦେଓ ସମସ୍ତଙ୍କୁ ବିଜେଡ଼ିର ଉପଢୌକନ ଦେଇ ବିଜେଡ଼ି ପାଇଁ କାମ କରିବାକୁ କହିଥିଲେ । ପୂର୍ଣ୍ଣଚନ୍ଦ୍ର ସାହୁ କହିଥିଲେ ଯେ, ପୌର ନିର୍ବାଚନରେ ବିଜେଡ଼ିର ସମସ୍ତ ପ୍ରାର୍ଥୀମାନଙ୍କ ପାଇଁ ଭୋଟ କରିବା ସହିତ ବିଜୟୀ କରାଇବେ ବୋଲି କହିଥିଲେ ।

# ବଲାଙ୍ଗିର ୨୧ ନମ୍ବର ୱାର୍ଡରେ ବିଜେଡ଼ି ପକ୍ଷରୁ ମାରାଥନ ପ୍ରଚାର : ହେଭି ୱେଟ୍ ନେତା ପ୍ରଚାରରେ ସାମିଲ୍ ହେଲେ



ବଲାଙ୍ଗିର, (ନିପ୍ର) : ବଢ଼ିବାରେ ଲାଗିଛି ପୌର ନିର୍ବାଚନ ତାତି । ବିଗତ ସମୟର ବିଜୟ ପ୍ରବାହକୁ ବଳବତ୍ତର ରଖିବା ପାଇଁ ବିଜେଡ଼ି ବେଶ୍ ଅଂଟା ଭିଡ଼ିଥିବା ଲକ୍ଷ୍ୟ କରାଯାଉଛି ।

୨୧ ନମ୍ବର ୱାର୍ଡରେ ବିଜେଡ଼ି ପକ୍ଷରୁ ମାରାଥନ ପ୍ରଚାରରେ ହେଭି ୱେଟ୍ ନେତା ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂହଦେଓ ଓ ଯୁବନେତା ଅର୍କେଶ ନାରାୟଣ ସିଂହଦେଓ ସାମିଲ୍ ହୋଇ ବିଜେଡ଼ିର ଅଧକ୍ଷା ପ୍ରାର୍ଥିନୀ ଲିକା ସାହୁ ଏବଂ ୨୧ ନମ୍ବର ୱାର୍ଡର କାଉନ୍‌ସିଲର୍ ପ୍ରାର୍ଥୀ ଶତ୍ରୁଘ୍ନ ବାଗଙ୍କ ପାଇଁ ଭୋଟ ମାଗିଛନ୍ତି । ୨୧ ନମ୍ବର ୱାର୍ଡର ଖର୍‌ସେଲ୍‌ପଡ଼ା ଏବଂ ସତୀପଡ଼ାକୁ ପ୍ରାର୍ଥୀ ମାନଙ୍କ ସହ ହେଭି ୱେଟ୍ ନେତାମାନେ ଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ଆଗାମୀ ସମୟରେ ତୁରଂତ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

# ବଲାଙ୍ଗିର ସିଆର୍‌ପିଏଫ୍ ୧୮୯ ବାଟାଲିଅନ୍ ପକ୍ଷରୁ ହୋଲି ଉତ୍ସବ ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସିଆର୍‌ପିଏଫ୍ ୧୮୯ ବାଟାଲିୟନ୍‌ର ଶାନ୍ତିପାଡ଼ା ସ୍ଥିତ ମୁଖ୍ୟାଳୟରେ ଏକ ହୋଲି ମିଳନ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ଏଥିରେ କମାଣ୍ଡାଣ୍ଟ ପଓ୍ୱନ କୁମାର ତିଓ୍ୱାରୀ ଜେଏସଏମ ବାଣିଜ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧାପକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ । ସିଆର୍‌ପିଏଫ୍ ଅଧିକାରୀ, ଯବାନ ଏବଂ ସମସ୍ତ ନିମନ୍ତ୍ରିତ ବ୍ୟକ୍ତି ହୋଲିରେ ପରସ୍ପର ସହ ସାକ୍ଷାତ ଆଲୋଚନା କରି କିଛି ସୁଖଦ ଏବଂ ସୁନ୍ଦର ମୁହୂର୍ତ୍ତ ବାଣ୍ଟିଥିଲେ । ଏହି ଅବସରରେ ସିଆର୍‌ପିଏଫ୍ କର୍ମକର୍ତ୍ତାମାନେ ଗୀତ ଏବଂ ନୃତ୍ୟ ପରିବେଷଣ କରିଥିବା ବେଳେ ଜେଏସ୍ଏମ୍ ବାଣିଜ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହୋଲିର ସ୍ୱତନ୍ତ୍ର ଗୀତ, ସମ୍ବଲପୁରୀ ଲୋକ ନୃତ୍ୟ ଏବଂ ଭାଙ୍ଗଡ଼ା ପରିବେଷଣ କରି ମନୋରଞ୍ଜନ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ କମାଣ୍ଡାଣ୍ଟ ଶ୍ରୀ ତିଓ୍ୱାରୀ ଛାତ୍ରମାନଙ୍କ ସହିତ ନାଚିଥିଲେ । ପ୍ରାରମ୍ଭରେ କମାଣ୍ଡାଣ୍ଟ ଶ୍ରୀ ତିଓ୍ୱାରୀ, ତାଙ୍କ ଭାଷଣରେ ଜାତିର ଏକତା, ଅଖଣ୍ଡତା ଏବଂ ନିରାପତ୍ତା ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ସିଆର୍‌ପିଏଫ୍‌ର ଭୂମିକା ଏବଂ କର୍ତ୍ତବ୍ୟ ବିଷୟରେ କହିଥିଲେ । ପରସ୍ପରଠାରୁ ଅଭିଯୋଗ ଦୂର କରି ପ୍ରେମ ଏବଂ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇଁ ହୋଲି ଏକ ପର୍ବ ବୋଲି ଅଧିକାରୀ କହିଛନ୍ତି । ଏହି ହୋଲି ମିଳନ ସମାରୋହରେ କମାଣ୍ଡାଣ୍ଟ ଶ୍ରୀ ତିଓ୍ୱାରୀଙ୍କ ସହ ସେକେଣ୍ଡ-ଇନ୍-କମାଣ୍ଡ ପ୍ରାଣକୃଷ୍ଣ ସାହୁ, ସେକେଣ୍ଡ-କମାଣ୍ଡ ପୀତବାସ ପଣ୍ଡା, ଡେପୁଟି କମାଣ୍ଡାଣ୍ଟ ଡ. ବିନୋଦ କୁମାର ଟଣ୍ଡନ ତଥା ସିଆର୍‌ପିଏଫ୍ କର୍ମକର୍ତ୍ତା ଓ ଜେଏସଏମ ବାଣିଜ୍ୟ ମହାବିଦ୍ୟାଳୟର ବିଭାଗ ମୁଖ୍ୟ ଶ୍ରୀମତୀ ଚେତନା ଅଗ୍ରୱାଲ, ଶିକ୍ଷକ ନିରୋଜ ମିଶ୍ର, ସମର୍ପିତ ପଟ୍ଟନାୟକ, ଚମନ ନାୟକ, ଶ୍ରୀମତୀ ଭୂମିକା ଜୈନ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ ।

# ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ବଲାଙ୍ଗିରରେ ଗତ ତା.୦୯.୦୩.୨୦୨୨ ଠାରୁ ତା.୧୭.୦୩.୨୦୨୨ ପର୍ଯ୍ୟନ୍ତ ଚାଲିଥିବା ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି । କ୍ରୀଡା ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ନନ୍ଦ ଏବଂ କସ୍ତୁରୀ ରଥଙ୍କ ଦ୍ୱାରା ଶିବିରରେ ତାଲିମ ଦିଆଯାଉଥିଲା । ଉଦ୍‌ଯାପନୀ ସଭାରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ବଲାଙ୍ଗିର ବିଇଓ ରାଘବ ପାଣିଗ୍ରାହୀ ଏବଂ କ୍ରୀଡା ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡା ଉପସ୍ଥିତ ରହି ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ କୌଶଳ ଅନୁଧ୍ୟାନ କରିବା ପୂର୍ବକ ଆତ୍ମରକ୍ଷା ତାଲିମର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ ତଥା ଆଠ ଦିନ ଧରି ଚାଲିଥିବା ତାଲିମ ଶିବିର ଉପରେ ସମୀକ୍ଷା କରିଥିଲେ । କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ତପସ୍ୱିନୀ ମହାପାତ୍ର, ଦୀପ୍ତିମାଳା ପାତ୍ର, ନିବେଦିତା ପଣ୍ଡା, ସଂଘମିତ୍ରା ମିଶ୍ର, ଅରୁନ୍ଧତୀ ବଡେଇ, କୃଷ୍ଣଚନ୍ଦ୍ର ବାଗ, ସତ୍ୟାନନ୍ଦ ବିଶ୍ୱାଳ, ଟିକେ ଜାଲ, ଦମୟନ୍ତୀ ଚନ୍ଦନ, ସୁଚିତ୍ରା ବସ୍ତିଆ ପ୍ରମୁଖ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com